Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈଦ୍ୟୁତିକ ସଂସ୍କରଣ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:272✦29 January 2026 (Thursday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୭୨✦୨୯ ଜାନୁଆରୀ ୨୦୨୬ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ସଂସଦର ବଜେଟ ଅଧିବେଶନ

ସରକାରଙ୍କ ସଫଳତାର ରିପୋର୍ଟ ଦେଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୮/୧: ସଂସଦର ବଜେଟ ଅଧିବେଶନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସହିତ ଆରମ୍ଭ ହୋଇଛି । ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟ ବୁଧବାର ଜାନୁୟାରୀ ୨୮ଠାରୁ ଫେବୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁଙ୍କ ଏକ ଏକ୍ସ-ପୋଷ୍ଟ ଅନୁଯାୟୀ, ଦ୍ୱିତୀୟ ପର୍ଯ୍ୟାୟରେ ବଜେଟ ବିତର୍କ ହେବ । ଏହା ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପର୍ଯ୍ୟାୟରେ, ସଂସଦରେ ଅର୍ଥନୈତିକ ସର୍ବେ ଉପସ୍ଥାପନ କରାଯିବ, ଯେତେବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରବିବାର, ଫେବୁଆରି ୧ ରେ ବଜେଟ୍ ଉପସ୍ଥାପନ କରିବେ । ଅଧିବେଶନ ଆରମ୍ଭରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସରକାରଙ୍କ ସଫଳତାର ରିପୋର୍ଟ ଦେଇ କହିଛନ୍ତି, ସରକାର ଏକ ବିକଶିତ ଭାରତ ପାଇଁ ସମୃଦ୍ଧ ଚାଷୀଙ୍କୁ ପ୍ରଥମ ପ୍ରାଥମିକତା ଭାବରେ ଦେଖୁଛନ୍ତି । ତେଣୁ ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଆରମ୍ଭ କରିଛନ୍ତି । ରାଷ୍ଟ୍ରପତି ଗ୍ରାମାଞ୍ଚଳରେ ବିକାଶ ଓ ନିଯୁକ୍ତି ପାଇଁ ବିକଶିତ ଭାରତ - ଜୀ ରାମ ଜୀ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଏହାକୁ ନେଇ ବିରୋଧୀ ସଦସ୍ୟମାନେ ବିରୋଧ ପ୍ରଦର୍ଶନ କରିଥିଲେ । ବିଭିନ୍ନ ସ୍ଲୋଗାନ ଓ ହୋହାଲ୍ଲା କରିଥିଲେ । ରାଷ୍ଟ୍ରପତି ଦାବି କରିଥିଲେ ଯେ, ସରକାର ପ୍ରବୃତ୍ତ ସାମାଜିକ ନ୍ୟାୟ ପ୍ରତି ସମର୍ପିତ ଅଛନ୍ତି । ରାଷ୍ଟ୍ରପତି କହିଛନ୍ତି, ୟୁରୋପୀୟ ସଂଘ ସହିତ ଏଫ୍‌ଟିଏ ସେବା ଓ ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବ ତଥା ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ସରକାର ଦୁର୍ନୀତି ଓ ଷ୍ଟାମ୍ ମୁକ୍ତ କରିବାରେ ସଫଳ ହୋଇଛନ୍ତି । ସାର୍ବଜନୀନ ପାଣ୍ଠିର ଉପଯୁକ୍ତ ବ୍ୟବହାର ସୁନିଶ୍ଚିତ କରାଯାଇଛି । ସରକାର ଦଳିତ, ଅବହେଳିତ, ପଛୁଆ ବର୍ଗ ଓ ଆଦିବାସୀ ସମ୍ପ୍ରଦାୟର କଲ୍ୟାଣ ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ରହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଭାରତ ସରକାର ଷ୍ଟାର୍ଟ-ଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ଯୋଜନା ଆରମ୍ଭ କରିଛନ୍ତି,ସେସବୁ ସଫଳତାର ସହିତ କାର୍ଯ୍ୟ କରୁଛି । ଏକ ଦଶନ୍ଧି ପୂର୍ବରୁ ଦେଶରେ ମାତ୍ର ୫୦୦ ଷ୍ଟାର୍ଟ-ଅପ୍ ଥିଲା । କିନ୍ତୁ ଏବେ ଏହି ସଂଖ୍ୟା ହଜାର ହଜାର ସଂଖ୍ୟାରେ ପହଞ୍ଚିଛି । ପ୍ରଯୁକ୍ତିବିଦ୍ୟା ଓ ଏଆଇ ନିରନ୍ତର ଭାବେ ବିକଶିତ ହେଉଛି । ସରକାର ଓ ଯୁବପିଢ଼ିଙ୍କ ମିଳିତ ପ୍ରୟାସ ଯୋଗୁ ଦେଶରେ କ୍ରୀଡ଼ାର ବିକାଶ ଧାରା ଜାରି ରହିଛି । ସରକାର ଖେଲୋ ଇଣ୍ଡିଆ ଭଳି ପରଙ୍କ୍ଷେପ ଆରମ୍ଭ କରିଛନ୍ତି ତଥା କ୍ରୀଡ଼ା ବିଭାଗଗୁଡ଼ିକରେ ସ୍ୱଚ୍ଛତା ଆଣିଛନ୍ତି ।ରାଷ୍ଟ୍ରପତି କହିଛନ୍ତି, ଗ୍ଲୋବାଲ ସାଉଥ୍‌ରେ ଭାରତ ଗୁରୁତ୍ୱ ବଢ଼ିଛି । ଦେଶ ବ୍ରିକ୍ସ, ଏସ୍‌ସିଓ, ଜି-୨୦ ଓ ଅନ୍ୟାନ୍ୟ ପ୍ଲାଟଫର୍ମରେ ଏକ ଦୃଢ଼ ଉପସ୍ଥିତି ସ୍ଥାପନ କରିଛି । ଅନେକ ବିଶ୍ୱ ସମସ୍ୟାର ସମାଧାନ ପାଇଁ ଦେଶ ସଫଳତାର ସହିତ କାର୍ଯ୍ୟ କରୁଛି । ରାଷ୍ଟ୍ରପତି ଘୋଷଣା କରିଛନ୍ତି, ସରକାର ଖୁବ୍ ଶୀଘ୍ର ଏକ ବିଶ୍ୱ ଏଆଇ ସମ୍ମିଳନୀ ଆୟୋଜନ କରିବାକୁ ଯାଉଛନ୍ତି । ଏହା ସହିତ ରାଷ୍ଟ୍ରପତି ଭାରତୀୟ ସେନା ଅପରେସନ ସିନ୍ଦୁରରେ ପ୍ରଦର୍ଶନ କରିଥିବା ବୀରତ୍ୱ ସମ୍ପର୍କରେ ମଧ୍ୟ କହିଛନ୍ତି ।

ଅଜିତ୍ ପାଓ୍ୱାରଙ୍କ ଅକାଳ ବିୟୋଗ

ଶୋକ ପ୍ରକାଶ କଲେ ରାଷ୍ଟ୍ରପତି- ପ୍ରଧାନମନ୍ତ୍ରୀ

ବାରାମତି,୨୮/୧: ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ତଥା ଏନସିପି ମୁଖ୍ୟ ଅଜିତ ପାଓ୍ୱାରଙ୍କର ଏକ ବିମାନ ଦୁର୍ଘଟଣାରେ ଦୁଃଖଦ ଦେହାନ୍ତ ଘଟିଛି । ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଅନ୍ୟ ଦୁଇଜଣ ପାଇଲଟ ଓ ଦୁଇଜଣ ଯାତ୍ରୀ ଅଛନ୍ତି । ମହାରାଷ୍ଟ୍ରର ବାରାମତି ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିବାକୁ ଚେଷ୍ଟା କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ସଂଗୀତ୍ମକର ଭିଡିଓ ଦର୍ଶାଉଛି ଯେ, ଦୁର୍ଘଟଣା ବେଳେ ଭୟଙ୍କର ଥିଲା । ଦୁର୍ଘଟଣା ପରେ, ବିମାନଟି ସମ୍ପୂର୍ଣ୍ଣ ଜଳି ଧୂଂସାବଶେଷରେ ପରିଣତ ହୋଇଥିବା ଦେଖାଯାଇଛି । ଏହି ଭୟଙ୍କର ଦୁର୍ଘଟଣା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ଲେଖିଛନ୍ତି, 'ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ୱାରଙ୍କ ସମେତ ୬ଯାତ୍ରୀଙ୍କ ମୃତ୍ୟୁ ଖବର ଅତ୍ୟନ୍ତ ଦୁଃଖଦ । ଅଜିତ ପାଓ୍ୱାରଙ୍କ ଅକାଳ ବିୟୋଗ ଏକ ଅପୂରଣୀୟ କ୍ଷତି । ମହାରାଷ୍ଟ୍ର ବିକାଶରେ ବିଶେଷକରି ସମବାୟ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ପାଇଁ ତାଙ୍କୁ ସର୍ବଦା ମନେ ରଖାଯିବ । ମୁଁ ତାଙ୍କ ପରିବାର, ସମର୍ଥକ ଏବଂ ପ୍ରଶଂସକମାନଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି । ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅନ୍ୟ ସମସ୍ତ ଲୋକଙ୍କ ପରିବାରକୁ ମଧ୍ୟ ଭଗବାନ ଏହି ଆଘାତ ସହ୍ୟ କରିବାକୁ ଶକ୍ତି ଦିଅନ୍ତୁ । ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଯେ, 'ଅଜିତ ପାଓ୍ୱାରଜୀ ଜଣେ ଜନନେତା ଥିଲେ । ବୃଣମୂଳ ସ୍ତରର ତାଙ୍କର ସମ୍ପର୍କ ଦୃଢ଼ ଥିଲା । ମହାରାଷ୍ଟ୍ରର ଲୋକଙ୍କ ସେବା କରିବାରେ ସର୍ବାଗ୍ରେ ଜଣେ କଠିନ ପରିଶ୍ରମୀ ବ୍ୟକ୍ତିତ୍ୱ ଭାବରେ ତାଙ୍କୁ ବହୁଳ ଭାବରେ ସମ୍ମାନିତ କରାଯାଇଥିଲା । ପ୍ରଶାସନିକ ବ୍ୟାପାର ପ୍ରତି ତାଙ୍କର ବୁଝାମଣା ଏବଂ ଗରିବ ଓ ବଞ୍ଚିତମାନଙ୍କୁ ସଶକ୍ତ କରିବା ପାଇଁ ତାଙ୍କର ଆଗ୍ରହ ମଧ୍ୟ ଉଲ୍ଲେଖନୀୟ ଥିଲା । ତାଙ୍କର ଅକାଳ ବିୟୋଗ ଅତ୍ୟନ୍ତ ମର୍ମାହତ ଏବଂ ଦୁଃଖଦାୟକ । ତାଙ୍କ ପରିବାର ଏବଂ ଅସଂଖ୍ୟ ପ୍ରଶଂସକଙ୍କ ପ୍ରତି ସମବେଦନା । ଓମ୍ ଶାନ୍ତି ।

୩ ଦିନ ଭିତରେ କମିବ ଶୀତ ପ୍ରକୋପ

୨ରୁ ୩ ଡିଗ୍ରୀ ବଢ଼ିବ ରାତି ତାପମାତ୍ରା

ଭୁବନେଶ୍ୱର,୨୮/୧(ନି/ପ୍ର): କମିବ ଶୀତ । ଆସନ୍ତା ୩ ଦିନ ମଧ୍ୟରେ ରାତିର ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ । ଭୁବନେଶ୍ୱରରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସକାଳୁ ଘନ କୁହୁଡ଼ି ରହିବା ସହ ଜାଳର ପଡ଼ିବ । ଦିନର ତାପମାତ୍ରା ୩୨ ଡିଗ୍ରୀ ଓ ରାତିରେ ୧୫ ଡିଗ୍ରୀ ରହିବ । ପାଣିପାଗ ବିଭାଗ ଏହି ଆକଳନ କରିଛି । ବୁଧବାର ଭଦ୍ରକ, ଜଗତ୍‌ସିଂହପୁର, ପୁରୀ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, କଳାହାଣ୍ଡି, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ଜଟକ, ନୟାଗଡ଼, ଅନଗୁଳ, ଢେଙ୍କାନାଳ ଓ ଯାଜପୁର ଜିଲ୍ଲାର ଗୋଟିଏ କି ଦୁଇଟି ସ୍ଥାନରେ ସକାଳୁଆ କୁହୁଡ଼ି ଦେଖିବାକୁ ମିଳିପାରେ । ସେହିପରି ଗୁରୁବାର କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, ପୁରୀ, ଗଜପତି, କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲ୍ଲାରେ ସକାଳେ କୁହୁଡ଼ି ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ବାରିଙ୍ଗବାଡ଼ି, ଫୁଲବାଣୀରେ ରାତିର ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ କରାଯାଇଛି । ନୂଆପଡ଼ାରେ ୧୧ ଡିଗ୍ରୀ, ରାୟଗଡ଼ାରେ ୧୨, ଝାରସୁଗୁଡ଼ାରେ ୧୨.୧, ରାଉରକେଲାରେ ୧୨.୪, ଅନଗୁଳ ୧୨.୬, ଭବାନୀପାଟଣାରେ ୧୨.୯ ଡିଗ୍ରୀ ରହିଥିଲା । ଦିନରେ ସର୍ବାଧିକ ୩୨ ଡିଗ୍ରୀ ଝାରସୁଗୁଡ଼ାରେ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ୩୧.୭, ଅନୁଗୁଳରେ ୩୧.୧, ନୂଆପଡ଼ା, ଖୋର୍ଦ୍ଧା ଓ ଜଗତ୍‌ସିଂହପୁରରେ ୩୧ ଡିଗ୍ରୀ ରେକର୍ଡ କରାଯାଇଛି ।

ବିଶ୍ୱ ମହିଳା ଶିଖର ସମ୍ମିଳନୀର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍

ଚେନ୍ନାଇ,୨୮/୧: ମଙ୍ଗଳବାର ଦିନ ନନ୍ଦମ୍ବକମ୍‌ର ବାଣିଜ୍ୟ କେନ୍ଦ୍ରରେ ଦୁଇ ଦିନିଆ ବିଶ୍ୱ ମହିଳା ଶିଖର ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍ ଉଦଘାଟନ କରିଥିଲେ । ଉକ୍ତ ପବଚାରେ ମହିଳାମାନଙ୍କର ସମାନ ଅଂଶଗ୍ରହଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହିଳାମାନେ ସମାଜର ମେରୁଦଣ୍ଡ । ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ କହିଥିଲେ ଯେ, ମହିଳାମାନେ ପୁରୁଷଙ୍କ ସହ ସମକକ୍ଷ ହୋଇ ଆଗକୁ ଆସିବା ଉଚିତ୍। ଉକ୍ତ ପବଚାରେ ମହିଳାମାନଙ୍କର ସମାନ ଅଂଶଗ୍ରହଣ ହେବା ଉଚିତ୍।

ଏଟଂରପାଇଲ୍ ଓଡ଼ିଶାର ୨୫ତମ ସଂଗ୍ଠନଣୁ ନେଇ ଆଜି ଦ୍ୱିତୀୟ ଦିନ ବୁଧବାର ମେଫେୟାର ଭିଲେଜ ହୋଟେଲରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଓ ଓଡିଶା ସରକାରଙ୍କ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଜ୍ୟମନ୍ତ୍ରୀ (ସ୍ୱାଧୀନ) ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଓ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ସହ ଅନ୍ୟାନ୍ୟ ଅତିଥିଙ୍କ ଦ୍ୱାରା ପୁସ୍ତକ ବିମୋଚନ

୮ ଘଟିଂଆ ଓଡ଼ିଶା ବନ୍ଦ: ରାଜ୍ୟର କିଛି ଜିଲ୍ଲାରେ ପ୍ରଭାବ

ଭୁବନେଶ୍ୱର,୨୮/୧(ନି/ପ୍ର): ଧାନକିଣା ଅବ୍ୟବସ୍ଥା, ଯାନବାହନ ପ୍ରତୃଷ୍ଣଣ ସାର୍ଟିଫିକେଟ୍ ଆଜରେ ମାତ୍ରାଧିକ ଚଣ୍ଡ ଆଦାୟ, ଟାଟା ଇଆନିର ମନମାନି ବିରୋଧରେ ଆଜି ଓଡ଼ିଶା ବନ୍ଦ ଡାକରା ଦେଇଛି ନବନିର୍ମାଣ କୃଷକ ସଂଗଠନ । ଆଜି ସକାଳ ୬ଟାରୁ ବିନ ୨ଟା ପର୍ଯ୍ୟନ୍ତ ୮ ଘଟିଂଆ ବିଭେଦି ଏହାକୁ ସ୍ୱାଗତ କରିଥିଲେ ଛେଁ ବିଧିବଦ୍ଧ ସମର୍ଥନ ଦେଇନାହିଁ ।ଓଡିଶା ବନ୍ଦର ପ୍ରଭାବ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦେଖିବାକୁ ମିଳିଛି । ନବନିର୍ମାଣ କୃଷକ ସଂଗଠନର ବନ୍ଦ ଡାକରା ଯୋଗୁଁ ଗଜପତି ଜିଲ୍ଲାରେ ପ୍ରଭାବ ପଡିଛି । ପାଲଲାଖେମୁଣ୍ଡି ସହର ପ୍ରବେଶ ପଥ ଫରେଷ୍ଟ ଗେଟ୍ ଛକ ନିକଟରେ ରାସ୍ତା ଉପରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି ଚାଷୀ । ଭଦ୍ରକରେ ମଧ୍ୟ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ପାଳନ କରାଯାଇଛି । ଭଦ୍ରକ ରେଳ ଷ୍ଟେସନ, ଭଦ୍ରକ ବସଷ୍ଟାଣ୍ଡ, ସରକାରୀ ଅଫିସ, ସ୍କୁଲ, କଲେଜ, ବ୍ୟବସାୟିକ ପ୍ରତିଷ୍ଠାନ ସବୁ ବନ୍ଦ କରାଯାଇଛି । ଉଲ୍ଲେଖ ଥାଉ କି ଆଜିର ବନ୍ଦ ପାଳନକୁ ନେଇ ଗତକାଲି ଜଂଗ୍ରେସ ପକ୍ଷରୁ ଜୁହାଯାଇଥିଲା ଯେ ମଣ୍ଡିରେ ଦେଖାଦେଇଥିବା ଚରମ ଅବ୍ୟବସ୍ଥା, ୧୫୦ କ୍ୱିଟାଲ୍‌ରୁ ଅଧିକ ଧାନବିକା ବେଳେ ଇନ୍‌ପୁଟ୍ ସବ୍‌ସିଡିକୁ ସରକାର ବନ୍ଦ କରିଦେବା, ବିଜୁଳିକୁ ନେଇ ସରକାର, ଓଇଆରସି ଓ ଟାଟା ପାଓ୍ୱାରର ମନମାନି ବିରୋଧରେ ବନ୍ଦ ପକ୍ଷରୁ ଆୟୋଜନ କରାଗଲା ।ପ୍ରତୃଷଣ ସାର୍ଟିଫିକେଟ୍ ନାଁରେ ରାଜ୍ୟବାସୀ ଯେଉଁ ଚଣ୍ଡ ଗଣୁଛନ୍ତି ତା' ବିରୋଧରେ ବି ଜଂଗ୍ରେସ ସ୍ୱର ଉତୋଳନ କରିଆସିଛି । ତେଣୁ ବନ୍ଦ ଘୋଷଣାକୁ ସମର୍ଥନ କରିବାକୁ ସବୁ ଜିଲ୍ଲା ଜଂଗ୍ରେସ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି ।

ଓଭରବ୍ରିଜ ତଳକୁ ଖସିଲା ବାଇକ : ଶିଶୁପୁତ୍ର ମୃତ, ବାପା-ମାଆ ଗୁରୁତର

ଭଦ୍ରକ,୨୮।୧: ଓଭରବ୍ରିଜ ତଳକୁ ଖସି ପଡିଲା ବାଇକ । ଦୁର୍ଘଟଣାରେ ବାପା-ମା ଆଗରେ ଚାଲିଗଲା ୩ ବର୍ଷ ଶିଶୁପୁତ୍ରର ଜୀବନ । ଏଭଳି ଏକ ଦୁଖଦ ଘଟଣା ଘଟିଛି ଭଦ୍ରକ ଟାଉନ ଥାନା ଅଧିନସ୍ଥ ଡାହାଣୀ ଗଡିଆ ଠାରେ । ୧୬ ନମ୍ବର ଜାତୀୟ ରାଜପଥରେ ବାଇକ ଯୋଗେ ମୟୂରଭଞ୍ଜ ଜିଲ୍ଲା ନିଶିତପୁର ପଟ୍ଟପୁର ମାଳଡାପାଣଶୀ ଗ୍ରାମର ରଜତ ଜେନା ନିଜ ସ୍ତ୍ରୀ ଓ ନିଜର ୩ ବର୍ଷର ପୁଅ ଆକାଶକୁ ନେଇ ଭୁବନେଶ୍ୱର ଯାଉଥିଲେ । ଏକ ଅଜଣା ଗାଡ଼ି ତାଙ୍କ ମୋଟର ସାଇକେଲକୁ ଧକ୍କା ଦେବା ଫଳରେ ବାଇକରି ଓଭର ବ୍ରିଜ ତଳକୁ ଖସି ପଡିଥିଲା । ଫଳରେ ବାପା- ମା' ଜାତୀୟ ରାଜପଥ ତଳକୁ ପଡିଯାଇଥିବା ବେଳେ ପୁଅ ଜାତୀୟ ରାଜପଥରେ ପଡିଥିଲା । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରିଥିଲା ।

ଆମେରିକାରେ ବରଫ ଝଡ଼

୩୦ ମୃତ ,୭ ଲକ୍ଷ ଘରେ ନାହିଁ ବିଜୁଳି

ୱାଶିଂଟନ୍,୨୮/୧: ଆମେରିକା ରେ ରବିବାରଠାରୁ ବରଫ ଝଡ଼ ଜାରି ରହିଛି । ଏଥିଯୋଗୁ ଲୁଇସର୍ଜ ସମେତ ସାରା ଦେଶରେ ୩୦ ଜଣ ପ୍ରାଣ ହରାଇଛନ୍ତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦ଟି ରାଜ୍ୟ ଏବଂ ରାଜଧାନୀ ୱାଶିଂଟନ୍ ଡିସିରେ ଜରୁରି ସ୍ଥିତି ଘୋଷଣା କରିଛନ୍ତି । ଅତି ଆବଶ୍ୟକ ନଥିଲେ ଲୋକଙ୍କୁ ବାହାରକୁ ନ ହୋଇଯାଇଥିବାବେଳେ ସ୍କୁଲ ଛୁଟି କରାଯାଇଛି । ବରଫଝଡ଼ ଏବଂ ବର୍ଷା ଯୋଗୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି । ୭ ଲକ୍ଷ ଘରେ ବିଜୁଳି ନାହିଁ । ଟେନେସି ପ୍ରବେଶ ଝଡ଼ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି । ସେଠାରେ ୩.୩୭ ଲକ୍ଷ ଲୋକଙ୍କ ଘର ଏବଂ ବ୍ୟବସାୟ ପ୍ରତିଷ୍ଠାନରେ ବିଜୁଳି ନାହିଁ । ଲୁଇସିଆନା,

ବାହାରିବା ଏବଂ ଗାଡ଼ିର ସୀମିତ ବ୍ୟବହାର ଲାଗି ନିର୍ଦ୍ଦେଶ ଦିଆଯାଇଛି । ନ୍ୟାସନାଲ ୱେଦର ସର୍ଭିସ୍ ମୁତାବକ, ବରଫ ଝଡ଼ ପ୍ରାୟ ୩,୨୨୦ କିମି ଅଞ୍ଚଳରେ ପରିବ୍ୟାପ୍ତ ହୋଇଛି । ପ୍ରାୟ ୨୧ କୋଟି ଅର୍ଥାତ୍ ଦୁଇ ତୃତୀୟାଂଶ ଆମେରିକୀୟ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଅନେକ ଅଞ୍ଚଳରେ ୧୨ ଇଂଚ୍‌ରୁ ୨୦ ଇଂଚ ଯାଏ ବରଫ ପଡ଼ିଛି । ସେଥିଯୋଗୁ ରାଜପଥ ବନ୍ଦ ହୋଇଯାଇଛି । ବରଫ ଝଡ଼ ଜାରି ରହିଛି । ଏଥିଯୋଗୁ ଲୁଇସିଆନା, ମିସିସିପି, ଜେଓ୍ୱାର୍ଜି, ଜର୍ଜିଆ, ଆଲବାମା ଏବଂ ଓ୍ୱେଷ୍ଟ ଭର୍ଜିନିଆରେ ମଧ୍ୟ ହଜାର ହଜାର ଲୋକ ବିନା ବିଜୁଳିରେ ଅଛନ୍ତି । କ୍ଷୟକ୍ଷତି ଅଧିକ ହୋଇଥିବାରୁ ବିଦ୍ୟୁତ୍ ଯୋଗାଣ ଲାଗି ଲେଇ ସପ୍ତାହ ଲାଗିପାରେ । ଇତି ମଧ୍ୟରେ ବରଫଝଡ଼ ଯୋଗୁ ରବିବାର ଦେଶରେ ୧୦,୮୦୦ରୁ ଅଧିକ ଉଡାଣ ରଦ୍ଦ ହୋଇଥିଲା । ସେହିପରି ସୋମବାର ୮୦୦୦ରୁ ଅଧିକ ବିମାନର ଉଡ଼ାଣ ରଦ୍ଦ ହୋଇଥିଲା ।

ୟୁଜିସିର ନୂଆ ନିୟମର ଅପବ୍ୟବହାର କରାଯିବ ନାହିଁ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୨୮/୧: ପ୍ରଧାନ ଆଶ୍ୱାସନା ଦେଇ କହିଛନ୍ତି ଯେ, ସବର୍ଣ୍ଣଙ୍କ ବିରୋଧରେ ୟୁଜିସିର ନୂଆ ନିୟମର ଅପବ୍ୟବହାର କରାଯିବ ନାହିଁ । ବ୍ୟାପକ ବିକ୍ଷୋଭକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀସ୍ଥିତ ୟୁଜିସି ମୁଖ୍ୟାଳୟ ବାହାରେ ସୁରକ୍ଷା ବୃଦ୍ଧି କରାଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ବିକ୍ଷୋଭକାରୀଙ୍କୁ ବ୍ୟାଖ୍ୟା ଦେଇ କହିଛନ୍ତି ଯେ, ସବର୍ଣ୍ଣଙ୍କ ବିରୋଧରେ ୟୁଜିସିର ନୂଆ ନିୟମର ଅପବ୍ୟବହାର କରାଯିବ ନାହିଁ । ବ୍ୟାପକ ବିକ୍ଷୋଭକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀସ୍ଥିତ ୟୁଜିସି ମୁଖ୍ୟାଳୟ ବାହାରେ ସୁରକ୍ଷା ବୃଦ୍ଧି କରାଯାଇଛି । ବିକ୍ଷୋଭକାରୀଙ୍କୁ ବ୍ୟାଖ୍ୟା ଦେଇ କହିଛନ୍ତି । ଭିତରକୁ ପ୍ରବେଶ ନ କରିବା ପାଇଁ ବହୁ ସଂଖ୍ୟକ ବ୍ୟାରିକେଡ୍ ନିର୍ମାଣ କରାଯାଇଛି । ଉତ୍ତରପ୍ରଦେଶର ଲକ୍ଷ୍ନୌ, ରାଏବରେଲି, ବାରାଣସୀ, ମିରଟ, ପ୍ରୟାଗରାଜ ଓ ସୀତାପୁରରେ ଛାତ୍ରଛାତ୍ରୀ, ଯୁବକ ଓ ବିଭିନ୍ନ ସଂଗଠନ ପ୍ରଦର୍ଶନରେ ଅଂଶଗ୍ରହଣ କରିଥିଲେ । ରାଏବରେଲିରେ ବିଜେପି କୃଷକ ନେତା ରମେଶ ବାହାଦୁର ସିଂହ ଏବଂ ଗୋରକ୍ଷା ଦଳ ସଭାପତି ମହେନ୍ଦ୍ର ପାଣ୍ଡେ ଉଚ୍ଚ ଜାତିର ସାଂସଦଙ୍କୁ ଚୁଡ଼ି ପଠାଇଥିଲେ । ଉତ୍ତରପ୍ରଦେଶରେ ବରେଲିର ସିଟି ମାଜିଷ୍ଟ୍ରେଟ୍ ଅଳଙ୍କାର ଅଗ୍ନିହୋତ୍ରୀ ନୂଆ ନିୟମକୁ ବିରୋଧ କରି ଇସ୍ତଫା ଦେଇଛନ୍ତି । କୁମାର ବିଶ୍ୱାସ ନୂତନ ୟୁଜିସି ନିୟମକୁ ସମାଲୋ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax : (06767) 253316

Email: utkalsamachar@gmail.com, Mob: 9437086122

କିଟ ଓ କିସ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା ଜରୁରୀ ନେଇ ମିନି ମାରାଥନ

କେନ୍ଦୁଝର,୨୮/୧(ନି/ପ୍ର): କିଟ, କିସ, ପ୍ରତିଷ୍ଠାତା ଡ଼ ଅଚ୍ୟୁତ ସାମନ୍ତ ଓଡିଶା ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ବେଳେ ତାଙ୍କ ଦ୍ୱାରା ଗତ ୮ ବର୍ଷ ଧରି ସମସ୍ତ ଙ୍କ ପାଇଁ ଶିକ୍ଷା ଜରୁରୀ ନେଇ ଏକ ମିନି ମାରାଥନ ଆରମ୍ଭ ହୋଇଥିଲା , ଆଜି କିସ ର ଜିଲା ସଂଯୋଜକ ଜଗବନ୍ଧୁ ଦାସ ଙ୍କ ନେତୃତ୍ୱରେ ଏକ ମିନି ମାରାଥନ ଆୟୋଜିତ ହୋଇଥିଲା ଏହି ମିନି ମାରାଥନ କୁ ଅବସରପ୍ରାପ୍ତ ଆଇ ଏ ଏସ ଅଫିସର ବଟକୃଷ୍ଣ ଦେହୁରୀ ଓ ସିଟିଜୀ ଶିକ୍ଷାନୁଷ୍ଠାନ ର ଚେୟାରମ୍ୟାନ ରୋଟାରୀୟାନ ରାଜେନ୍ଦ୍ର ପଲେଇ ପତାକା ଦେଖାଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ ଉଦଘାଟନ କରିଥିଲେ, ଏଥିରେ ୨୨୦ ରୁ ଊର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ, ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରୁ ସହର ପରିକ୍ରମା କରି କାଳୀ ପଡିଆ ଠାରେ ସମାପ୍ତି ହୋଇଥିଲା, ସେଠାରେ ଏକ ସଭା ଆୟୋଜିତ ହୋଇଥିଲା, ଏ ସଭାକୁ କିସ ଅଭିଭାବକ ସଂଘ ଜସ ସଭାପତି ଶିବ ମାରାଣ୍ଡି ସଭାପତିତ୍ୱ କରିଥିବା ବେଳେ ସେଥିରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଗଡ଼ ପୌରପାଳିକା ର ଅଧକ୍ଷା ନିକୁ ସାହୁ ଯୋଗ ଦେଇଥିଲେ ସଂମାନିତ ଅତିଥି ଭାବରେ ସିଟିଜି ଶିକ୍ଷାନୁଷ୍ଠାନ ର ଚେୟାରମ୍ୟାନ ରୋଟାରୀୟାନ ରାଜେନ୍ଦ୍ର ପଲେଇ, ରୋନାସିକା କଲେଜ ର ଚେୟାରମ୍ୟାନ ରାଜଶ୍ରୀ ଥାଟୋଇ, ଓସକା ଏନଜୀଓ ର ଅଧକ୍ଷା ଧରିତ୍ରୀ ରାଉତ,ଶିକ୍ଷାବିତ ମଳୟ ମହାପାତ୍ର, ସମାଜସେବୀ ବିଜୟ ବେହେରା ପ୍ରମୁଖ ଯୋଗ ଦେଇ ଶିକ୍ଷା ସମସ୍ତ ଙ୍କ ପାଇଁ ଜରୁରୀ, ଶିକ୍ଷା ବିନା ଜୀବନ ଅଧୁରା ବୋଲି ମତ ଦେବା ସହ କିଟ ଓ କିସ ର ପ୍ରତିଷ୍ଠାତା ଡ଼ ଅଚ୍ୟୁତ ସାମନ୍ତ ଶିକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି, ଶିକ୍ଷା କ୍ଷେତ୍ରରେ ଗରିବ ଆଦିବାସୀ ଲୋକମାନେ ବଞ୍ଚିତ ନ ହେବେ ସେଥିପାଇଁ ତାଙ୍କ ସଂଗ୍ରାମ କୁ ଆମେ ପ୍ରଶଂସା କରୁଛୁ ବୋଲି ବକ୍ତା ମାନେ ମତ ଦେଇଥିଲେ, ସମସ୍ତଙ୍କ ପାଇଁ ଶିକ୍ଷା' ବାର୍ତ୍ତା ନେଇ ୨୦୨୬ ଜାନୁଆରୀ ୨୫ ତାରିଖରେ ଓଡ଼ିଶାର ସମସ୍ତ ଜିଲ୍ଲା ଏବଂ ଭାରତର ମେଟ୍ରୋ ସହରଗୁଡ଼ିକରେ ଏହି ମିନି ମାରାଥନ ଆୟୋଜନ କରାଯାଇଛି । 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷ୍ୟ ନେଇ ସାଧାରଣରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କିଟ୍, କିସ୍ ଓ କିମ୍ପ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ୨୦୧୬ ମସିହାରୁ ଏହି ପ୍ରୟାସ ଆରମ୍ଭ କରିଆସୁଛନ୍ତି । ଶିକ୍ଷା ହେଉଛି ଶିଶୁର ତୃତୀୟ ନୟନ । ଦାରିଦ୍ର୍ୟ ହେତୁ କୌଣସି ପିଲା ଯେଉଁକି ଶିକ୍ଷାରୁ ବଂଚିତ ନହୁଏ, ଏହା ହେଉଛି ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ଦେଶ୍ୟ । ସେଥିପାଇଁ ସେ ସର୍ବଦା ପ୍ରୟାସ ଜାରି ରଖୁଛନ୍ତି ଓ ସମସ୍ତଙ୍କ ପାଇଁ ଶିକ୍ଷା ପ୍ରସାର ଦିଗରେ ସେ ନିଜକୁ ସମର୍ପିତ କରିଦେଇଛନ୍ତି । ଏହି ଅଭିଯାନର ଏକ ଅଂଶ ଭାବରେ, ସେ 'ଆର୍ଟ ଅଫ୍ ଗିଭିଂ' ଅଧୀନରେ 'ସମସ୍ତଙ୍କ ପାଇଁ ଶିକ୍ଷା' ନାମକ ଉକ୍ତ ମାରାଥନ ଅଭିଯାନ ଏବଂ ଆନ୍ଦୋଳନ ଆରମ୍ଭ କରିଥିଲେ । ଏହି ଅଭିଯାନରେ ବୁଝିବି ପ୍ରମୁଖ ଉପାଦାନ ରହିଛି : ଆଭରରିଜ୍ କାର୍ଯ୍ୟକ୍ରମ ଏବଂ ମିନି ମାରାଥନ୍ । ଆଭରରିଜ୍ କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍‌ସର କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଶିକ୍ଷାର ବିଜାଣ ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ସ୍କୁଲ ପରିବର୍ଶନ କରିଥାନ୍ତି । ସେହିପରି ମିନି ମାରାଥନ୍ ହେଉଛି ଏହାର ଏକ ଶକ୍ତିଶାଳୀ ପ୍ରତୀକାତ୍ମକ କାର୍ଯ୍ୟକ୍ରମ । ମାରାଥନ ମାଧ୍ୟମରେ ସମସ୍ତଙ୍କୁ ଏକ ସୁନ୍ଦର ବାର୍ତ୍ତା ଦିଆଯାଉଛି – ଫିଟନେସ୍ ରହିବା ଯେଉଁକି ସମସ୍ତଙ୍କ ପାଇଁ ଆବଶ୍ୟକ ସେହିପରି ଜଳ, ବାୟୁ, ମାଟି ଓ ଶିକ୍ଷା ମଧ୍ୟ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଜରୁରୀ। ମିନି ମାରାଥନ ରେ ଯୋଗଦେଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ ।ଶେଷରେ ଅଭିଭାବକ ସଂଘର ସଂମାବକ ଶ୍ୟାମ ସୁନ୍ଦର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।ଏଥିରେ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ ମାନେ ଯୋଗଦେବା ସହିତ ବାସୁଦେବ ସିଂ, ନରେନ୍ଦ୍ର ନାୟକ,, ଗୁରୁଚରଣ ନାୟକ, ନିତ୍ୟାନନ୍ଦ ନାୟକ, ପ୍ରଶାନ୍ତ କୁମାର ନାୟକ, ରତନ ସିଂ ମୁଣ୍ଡା, ଅଜିତି ଖଟୁଆ, ଭିକାରୀ ଚରଣ ନାୟକ,ପ୍ରାଣବନ୍ଧୁ ସାହୁ, ପ୍ରବୀପ କୁମାର ସେଠୀ, ରାମଚନ୍ଦ୍ର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ ।

କେନ୍ଦୁଝରର ପ୍ରତିଭାବାନ ଯୁବ ଗାଳ୍ପିକ ଅବିନାଶ ଦାସ ହେଲେ "ଦିଗ ଓ ଦିଗନ୍ତ"ର ନୂତନ ସମ୍ପାଦକ

କେନ୍ଦୁଝର, ୨୮/୧(ନି/ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶାର ସାଧାରଣ ସଭା ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନ ସଂଗ୍ରହାଳୟ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଆଗାମୀ ଦୁଇ ବର୍ଷ ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ଗଠନ କରାଯାଇଥିଲା । ଏହି ଅବସରରେ କେନ୍ଦୁଝରର ପ୍ରତିଭାବାନ ଯୁବ ସାହିତ୍ୟିକ ଅବିନାଶ ଦାସଙ୍କୁ ପରିଷଦ ଦ୍ୱାରା ପ୍ରକାଶିତ ତ୍ରୟମାସିକ ପତ୍ରିକା "ଦିଗ ଓ ଦିଗନ୍ତ"ର ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି । ଶ୍ରୀ ଦାସ ଜଣେ ପ୍ରତିଷ୍ଠିତ ଯୁବ ଗାଳ୍ପିକ ଓ ପ୍ରାବନ୍ଧିକ ଭାବେ ସାରା ଦେଶରେ ପରିଚିତି ଲାଭ କରିଛନ୍ତି । ସାହିତ୍ୟ ସୃଷ୍ଟି ସହିତ ସେ କୃତ୍ରିମ କୃଷିମତା (ଇଓ) କ୍ଷେତ୍ରରେ ନିଜର ଷ୍ଟାର୍ଟଅପ୍ ଆରମ୍ଭ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସାହିତ୍ୟ, ବିଜ୍ଞାନ ଓ କୃତ୍ରିମତା କ୍ଷେତ୍ରରେ ସେ ସିଦ୍ଧହସ୍ତ । ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଏକ ରାଷ୍ଟ୍ରୀୟ ସ୍ତରୀୟ ସାହିତ୍ୟିକ ଅନୁଷ୍ଠାନ, ଯାହା ଭାରତୀୟ ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ କାର୍ଯ୍ୟ କରିଆସୁଛି । ଏହି ସମ୍ମାନଜନକ ଦାୟିତ୍ୱ ପ୍ରାପ୍ତି ଅବସରରେ ଶ୍ରୀ ଦାସ ସମସ୍ତ ସାହିତ୍ୟିକ ବନ୍ଧୁ ଓ ପରିଷଦର କାର୍ଯ୍ୟକର୍ତ୍ତାମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ନୂଆପଡା ଜିଲ୍ଲାପାଳ ପାଇଲେ ଶ୍ରେଷ୍ଠ ନିର୍ବାଚନ ଜିଲ୍ଲା ପୁରସ୍କାର

ନୂଆପଡା,୨୮/୧(ନି/ପ୍ର): ଉତମ ନିର୍ବାଚନ ପରିଚାଳନା ପାଇଁ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଆଜି ଜାତୀୟ ସ୍ତରରେ ଶ୍ରେଷ୍ଠ ନିର୍ବାଚନ ଜିଲ୍ଲା ପୁରସ୍କାରରେ ସମ୍ମାନିତ କରାଯାଇଛି । ଦିଲ୍ଲୀ କ୍ୟାଂଟନମେଂଟ, ନୂଆଦିଲ୍ଲୀରେ ମାନେକ୍ଷା ସେଂଟରରେ ଜାତୀୟ ଭୋଟର ଦିବସ ପାଳନ ଅବସରରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଶ୍ରେଷ୍ଠ ନିର୍ବାଚନ ଜିଲ୍ଲା ପୁରସ୍କାରର ଉତମ ନିର୍ବାଚନ ପରିଚାଳନା ଓ ଲଜିଷ୍ଟିକ୍ସ ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ନିକଟ ଅତୀତରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ସଫଳତାର ସହିତ ସୁଷ୍ଠ, ଅବାଧ ଏବଂ ନିରପେକ୍ଷ ଭାବରେ ନୂଆପଡା ବିଧାନସଭା ଉପନିର୍ବାଚନ ସମ୍ପନ୍ନ ହୋଇଛି ଯେ ଏହି ଉପ-ନିର୍ବାଚନରେ ଅନେକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଦୁର୍ଗମ ମାଓବାଦୀ ଅଧୁଷିତ ଅଂଚଳରେ ଲଜିଷ୍ଟିକ୍ ଚ୍ୟାଲେଞ୍ଜକୁ ଦୂର କରିବା ପାଇଁ ହେଲିକପ୍ଟର ବ୍ୟବହାର କରାଯାଇଥିଲା । ପ୍ରମୁଖ ଉଦ୍ଭାବନ ମଧ୍ୟରେ ଜି ଆଣ୍ଟ ଏସ୍ ଆଧାରିତ ସର୍ଚ୍ଚ ଯୋଜନା ଥିଲା । ସମନ୍ୱିତ ଏୟାର-ଗ୍ରାଉଣ୍ଡ ସମନ୍ୱୟ ଏବଂ ଏୟାର ଏବଂ ଗ୍ରାଉଣ୍ଡ ଗୁଡ୍‌ମିଶ୍ରଣ କରି ଏକ ହାଇବ୍ରିଡ୍ ପରିବହନ ମଡେଲ୍ ଉପଯୋଗ କରାଯାଇଥିଲା । ପ୍ରତିକୂଳ ପାଗରେ ମଧ୍ୟ ନିର୍ବାଚନ କାର୍ଯ୍ୟକୁ ଆଗେଇ ନେବା ପାଇଁ ଗୁର୍ମା ସୁନାବେଡାରେ ଏକ ସ୍ମାର୍ଟ ହେଲିପ୍ୟାଡ୍‌ନିର୍ମାଣ କରାଯାଇଥିଲା । ଫଳରେ 'ଜୋନସିସିଭୋଟର ଭୋଟ ଦାନରୁଢ଼ଂଚିତ ହେଲେ ନାହିଁ । ଶତପ୍ରତିଶତ ପୋଲିଂ ଟିମ୍‌ନିୟୋଜିତ କରିବା , ଶୂନ୍ୟ ପରିବହନ ଅଫଶେ ଏବଂ ଭୋଟରଙ୍କ ଯୋଗଦାନ ବୃଦ୍ଧିକରାଯାଇଥିଲା ।

ରଜତ ତ୍ରିପାଠୀଙ୍କୁ 'ସୋର୍ଡ ଅଫ ଅନର' ସମ୍ମାନରେ ସମ୍ମାନିତ

କେନ୍ଦୁଝର,୨୮/୧(ନି/ପ୍ର): ଚଳିତ ବର୍ଷ କେନ୍ଦୁଝର ଜିଲ୍ଲା ର ରଜତ କୁମାର ତ୍ରିପାଠୀ ଙ୍କୁ 'ସୋର୍ଡ ଅଫ ଅନର 'ଆଖ୍ୟାର୍ଡ ପ୍ରଦାନ କରାଯାଇଛି. ଚଳିତ ବର୍ଷ ସାଧାରଣ ତନ୍ତ୍ର ଦିବସ ଅବସରରେ ଭୁବନେଶ୍ୱର ସ୍ଥିତ ଆରୀୟାନ ଟଂଷ୍ଟିୟରିଙ୍ଗ କଲେଜରେ ଓଡିଶା ସି ଟି ସି ଜଟକ ପକ୍ଷରୁ ଜ୍ୟାପଟେନ ଶ୍ରୀ ରୁଦ୍ର ପ୍ରସାଦ ନନ୍ଦ ରଜତ ଙ୍କୁ ଉକ୍ତ ସୋର୍ଡ ଅଫ ଅନର ଆଖ୍ୟାର୍ଡ ସମ୍ମାନରେ ସମ୍ମାନିତ କରିଛନ୍ତି, ପୂର୍ବରୁ ମଧ୍ୟ ଶ୍ରୀ ରଜତ ବିଭିନ୍ନ ସମ୍ମାନ -୨୦୨୨ରେ ବେଷ୍ଟ ଜଟିକେଟ କମାଣ୍ଡର, ୨୦୨୧ , ୨୦୨୨ ରେ ବେଷ୍ଟ ଜ୍ୟାଡେଟ, ବେଷ୍ଟ ଡ୍ରିଲ ଜନଷ୍ଟ୍ରକ୍ଟର , ଆଖ୍ୟାର ପାଇଥିବା ବେଳେ ଚଳିତ ୨୦୨୬ ବର୍ଷରେ ସୋର୍ଡ ଅଫ ଅନର ଆଖ୍ୟାର୍ଡ ସମ୍ମାନରେ ସମ୍ମାନିତ କରାଯାଇଛି. ଯାହାକି କେନ୍ଦୁଝର ଜିଲ୍ଲା ପାଇଁ ଗୌରବ ଆଣିଛି.ରଜତଙ୍କର ଏନ ସି ସି ୟୁନିଟ ରେ ତାଙ୍କର ବୃତ୍ତ ମନୋନାକ,ଅମାୟିକ ବ୍ୟବହାର, ନିଷ୍ଠା, ଓ ଜଣେ ଦକ୍ଷ ଡ୍ରିଲ ଜନ-ଷ୍ଟ୍ରକ୍ଟର ଓ ଅନୁସାଶନ ପାଇଁ ଏନ ସି ସି ୟୁନିଟ ଓ କଲେଜ ପକ୍ଷରୁ ବେଶ ପ୍ରଶଂସିତ. ଚଳିତ ବର୍ଷ ଉକ୍ତ ଆଖ୍ୟାର୍ଡ ପାଇ କେନ୍ଦୁଝର ଜିଲ୍ଲା ପାଇଁ ଗୌରବ ଆଣିଥିବା ବେଳେ ସୁଯୋଗ ପାଇଲେ ସୈନ୍ୟ ବାହିନୀରେ ଯୋଗଦେବ ବେଶ ସେବା କରିବାର ଲକ୍ଷ ରଖିଛନ୍ତି ବୋଲି ରଜତ ପ୍ରକାଶ କରିଛନ୍ତି.ଶ୍ରୀ ରଜତ କେନ୍ଦୁଝର ଜିଲ୍ଲା ର ଜାଶିପୁର ନିବାସୀ ବରିଷ୍ଠ ସାମ୍ବାଦିକ ଶ୍ରୀ ସୁରଜିତ ତ୍ରିପାଠୀ ଓ ଶିକ୍ଷୟତ୍ରୀ ସରୋଜିନୀ ମିଶ୍ର ଙ୍କର ଏକମାତ୍ର ସନ୍ତାନ ଅଟନ୍ତି ।

ଅପରେସନ୍ ଗୋରକ୍ଷା :ଗୋରୁ ମାଫିଆଙ୍କ ଘରେ ଚଢ଼ଉ

ଠାବ ହେଲାଣି ୪ କୋଟି ୪୦ ଲକ୍ଷ ଟଙ୍କା

କେନ୍ଦୁଝର,୨୮/୧(ନି/ପ୍ର): ଅପରେସନ୍ ଗୋରକ୍ଷାରେ ଅଭିଯୁକ୍ତଙ୍କ ଆଭାଉଟ ଯାଙ୍ଚ ପ୍ରକ୍ରିୟା ଚାଲିଥିବା ବେଳେ ଆଜି କେନ୍ଦୁଝର ସହରର ଦୁଢ଼ିଆଛକ ଓ ରାଙ୍କି ଗାଁରେ ଗୋରୁ ମାଫିଆଙ୍କ ଘରେ ପୁଲିସ ଚଢ଼ଉ କରିଛି । ଶନିବାର କେନ୍ଦୁଝର ସଦର ଥାନା ଅଧିକାରୀ ଅମିତ ଭୂୟାଁଙ୍କ ନେତୃତ୍ୱରେ ଏକ ଟିମ୍ ରାଙ୍କିସ୍ଥିତ ତପନ ବାରିକଙ୍କ ଘରେ ଚଢ଼ଉ କରିଥିଲା । ସେତେବେଳେ ତପନ ଘରେ ନଥିଲେ । ପରିବାର ସଦସ୍ୟଙ୍କ ଉପସ୍ଥିତିରେ ତାଙ୍କ ଘରୁ ଦୁଇ ଲକ୍ଷ ଟଙ୍କା ଜବତ କରାଯାଇଛି । ସେହିପରି ସହରର ଦୁଢ଼ିଆଛକରେ ଥିବା ସେଖ୍ ନାସିର ଓ ତପନଙ୍କ ଝରାସାହିସ୍ଥିତ ଘରେ ମଧ୍ୟ ପୁଲିସ ଚଢ଼ଉ କରିଛି । ଆଜି ସୁଦ୍ଧା ଗୋରୁ ମାଫିଆଙ୍କ ୧୨୧ଟି ଆଭାଉଟ ଯାଙ୍ଚ କରାଯାଇ ୪ କୋଟି ୪୦ ଲକ୍ଷ ୭୫ ହଜାର ଟଙ୍କା ଠାବ କରାଯାଇଛି । ଏହି ଘଟଣାରେ କେନ୍ଦୁଝର ପୁଲିସ ପୂର୍ବରୁ ୧୦ ଜଣଙ୍କୁ ଗିରଫ କରିସାରିଛି । ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ କୁମାର ଝାଙ୍କି, ଆନନ୍ଦପୁର ଥାନା ଅଧିକାରୀ ଫନୀନ୍ଦ୍ର ନାୟକ, ଦୌତାରୀ ଥାନା ଅଧିକାରୀ ହୃଷୀକେଶ ବେହେରା, ତେଲକୋଇ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର, ହରିଚନ୍ଦନପୁର ଥାନା ଅଧିକାରୀ ମିତାଲି ମଧୁଲିତା ବିଶ୍ୱାଳ, ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ଗଠିତ ଟିମ୍ ଗୋରୁ ମାଫିଆଙ୍କ ଆର୍ଥିକ ଭାବବାରର ଖୋଜାତାଡ଼ କରୁଛନ୍ତି ।

ଗୁପ୍ତେଶ୍ୱରଠାରେ ମହାଶିବରାତ୍ରୀ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

ଜୟପୁର, ୨୮/୧(ନି/ପ୍ର): ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ରାତି ଗୋଟାଏରୁ ୧.୩୦ ମଧ୍ୟରେ ହେବ ହରିହର ଭେଟ । ଏହା ପରେ ଉଚିତ ମହାଦୀପ । ତା ପୂର୍ବରୁ ଅର୍ଥାତ ରାତି ୭ଟା ରୁ ତଳେ ଥିବା ମୁଖ୍ୟ ଗେଟ ବନ୍ଦ କରାଯିବ । ହରିହର ଭେଟ ଲାଗି ନିଷ୍ପତ୍ତି ଆରମ୍ଭ ହେବ । ଧାର୍ଯ୍ୟ ସମୟରେ ସମସ୍ତ କାର୍ଯ୍ୟ ଏବଂ ଶୃଙ୍ଖଳିତ ଭାବେ ଶିବରାତ୍ର ଆୟୋଜନ କରିବାକୁ ଆଜି ସ୍ଥାନୀୟ ପୌର ସଭାଗୃହରେ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ବେବୋତର ଅଧିକାରୀ ତଥା ତହସିଲଦାର ସତ୍ୟସାଚୀ ଜେନାଙ୍କ ଅଧକ୍ଷତାରେ ଅୟୋଜିତ ବୈଠକରେ ଜଯପୁର ଥାନା ଇନ୍ଚାର୍ଜ ସବ୍ୟସାଚୀ ଦେବ, ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଏସଡିପିଓ ପାର୍ଥ କଣ୍ଡପ, ଅତିରିକ୍ତ ତହସିଲଦାର ଚିତରଞ୍ଜନ ପଟ୍ଟନାୟକ, ଅଶ୍ୱିନୀ ମହାପାତ୍ର ଅଧିକାରୀ ସୁରେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ ଏହି ପୀଠରେ ଶିବରାତ୍ରୀରୁ ଚିପରି ଶାନ୍ତିଶୃଙ୍ଖଳାରେ ପାଳନ କରାଯିବ ତା ଉପରେ ଆଲୋଚନା ହୋଇଥିଲା । ଚଳିତ ବର୍ଷ ପାର୍କିଂ ନିମନ୍ତେ ଦର ଧାର୍ଯ୍ୟ କରାଯାଇଛି । ମୋଟର ସାଇକଲ ନିମନ୍ତେ ୧୦ଟଙ୍କା, ଅଟୋ ପାର୍କିଂ ନିମନ୍ତେ ୨୦ଟଙ୍କା, ଭାର ନିମନ୍ତେ ୫୦ ଟଙ୍କା, ଓ ବସ ପାର୍କିଂ ନିମନ୍ତେ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ସର୍ବସାଧାରଣ ଭକ୍ତଙ୍କ ଦର୍ଶନ ନିମନ୍ତେ କୌଣସି ଦେୟ ଦେବାକୁ ପଡିବ ନାହିଁ । କିନ୍ତୁ ସ୍ପତନ୍ତ୍ର ଦର୍ଶନ ନିମନ୍ତେ ଜଣେ ଭକ୍ତଙ୍କୁ ୫ଶହ ଟଙ୍କା ଦେବାକୁ ପଡିବ ବୋଲି ଆଜିର ବୈଠକରେ ନିଷ୍ପତ୍ତି ହୋଇଛି । ଗତବର୍ଷ ପାନୀୟଜଳ ଏବଂ ବିଦ୍ୟୁତ ଯୋଗାଣରେ ବିଘ୍ନାଟ ହୋଇଥିଲା । ଏଥର ସେମିତି ଏହାର ପୁନରାବୃତ୍ତି ନ ହେବ ସେଥିଲାଗି ଉଭୟ ବିଭାଗର ଅଧିକାରୀଙ୍କୁ ଦାୟିତ୍ୱ କରାଯାଇଥିଲା । ଜଳରାଶିଠାରୁ ଗୁପ୍ତେଶ୍ୱର ପୀଠ ପର୍ଯ୍ୟନ୍ତ ଲାଇଟ ବ୍ୟବସ୍ଥା, ୨୪ ଘଣ୍ଟା ବିଦ୍ୟୁତ ଯୋଗାଣ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା । ୮ରୁ ୧୦ ଟି ପାଣି ଟ୍ୟାଙ୍କର,୨୦ରୁ ଅଧିକ ସିନଟେକ୍ସ ବ୍ୟବସ୍ଥା କରିବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଥିଲା । କର୍ମଚାରୀମାନେ ପାଳି କରି ୨୪ ଘଂଟା ସଜାଗ ରହିବେ। ଗୁପ୍ତେଶ୍ୱରଠାରୁ ସପ୍ତଯୋଗ କୁଣ୍ଡଧାରା ସମସ୍ତ ରାସ୍ତାକୁ ମରାମତି କରାଯାଉ । ଶ୍ରଦ୍ଧାଳୁଙ୍କ ଲାଗି ଅଧିକରୁ ଅଧିକ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯାଉ । ପୁଲିସକୁ ସହଯୋଗ କରିବାକୁ ବରଜାର ପଡିଲେ ଅଧିକ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ । ସେମାନଙ୍କୁ ପୁଲିସ ଓ ତହସିଲ ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯିବଂ । ଯଦି ଦରକାର ପଡେ ଟ୍ରାଫିକ ନିୟନ୍ତ୍ରଣ ଲାଗି ଅଧିକ ପୁଲିସ ମୁତୟନ କରାଯିବ । ଯୋଗାଣ ବିଭାଗ ପକ୍ଷରୁ ସୁଲଭମୂଲ୍ୟରେ ଚାଉଳ, ଡୁଇ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବ । ମେଡିକାଲ ପକ୍ଷରୁ ଆମ୍ବୁଲାନ୍ସ ସହ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଗୁପ୍ତେଶ୍ୱରରେ ରହିବେ । ନଦୀଘାଟରେ ଅସ୍ଥାଣ ରୋକିବାକୁ ସମସ୍ତ ବ୍ୟବସ୍ଥା ସହ ଦମକଳବାହିନୀ ସଜାଗ ରହିବେ। ଯାତାୟାତ ନିୟନ୍ତ୍ରଣ ପାଇଁ ବୈପାରିଗୁଡ଼ା ପୋଲିସ, ଜୟପୁର ସଦର ପୋଲିସ ଓ ଓଡ଼ାଫଣ୍ଡ ଦିଆଯିବ । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିଲ୍ଲା ଖାଉଟି ଓ ଯୋଗାଣ ଅଧିକାରୀ ଦ୍ୱାରା ୨ ଗୋଟି ସ୍ଥଳ ହେବ ଏବଂ ଏଥି ନିମନ୍ତେ ଚାଲି ଚାଉଳ ଦଦଳୀ, ପାନୀୟ ଜଳ, ଡୁଇ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବେ । ପିଇବା ପାଣି ଓ ଶୌଚଳୟ ମରାମତି ନିମନ୍ତେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡ଼ି, ବୈପାରିଗୁଡ଼ା ଓ ଜୟପୁରଙ୍କୁ ଅନୁରୋଧ କରାଯାଇଛି । ଆର ତତ୍ପ ଏସ ଏସ ବୈପାରିଗୁଡ଼ାକୁ ବୁଟିଂ ପାଇଡର ପଚାଇବା ସହ ସଫା ସୁତୁରାର ଦାୟିତ୍ୱ ଦିଆଗଲା । ବିଗତ ବର୍ଷ ଭଳି

ଗଣତନ୍ତ୍ର ଦିବସ ଅବସରରେ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ

କେନ୍ଦୁଝର,୨୮/୧(ନି/ପ୍ର): ୭୭ତମ ଗଣତନ୍ତ୍ର ଦିବସ ଅବସରରେ କେନ୍ଦୁଝର ଷ୍ଟାଡିୟମ ଠାରେ ଦୁଇଟି ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ

ବିବିଧା

ରାଶି ଫଳ

- ମେଷ: ବ୍ୟବସାୟରେ ଲାଭ ହେବ । ପରିବାରରେ ସୁଖ ଶାନ୍ତି ରହିବ । ପ୍ରେମିକାଙ୍କ ସହିତ ଭେଟ ହେବ ।
- ବୃଷ: ଘରେ ଆତ୍ମୀୟ ଆସିବେ । ଆର୍ଥିକ ସ୍ଥିତି ଭଲ ରହିବ । ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରିବେ ।
- ମିଥୁନ: ଆଜି ଆପଣ ଅଧିକ ଖର୍ଚ୍ଚ କରିବେ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । ପରିବାରରେ ଶାନ୍ତି ରହିବ ।
- କର୍କଟ: ବ୍ୟବସାୟରେ ଲାଭ ହେବ । ପରିବାରରେ ଶାନ୍ତି ରହିବ । ଆତ୍ମୀୟଙ୍କ ସହିତ ଭେଟ ହେବ ।
- ସିଂହ: ଆଜି ଆପଣ ଅଧିକ ଖର୍ଚ୍ଚ କରିବେ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । ପରିବାରରେ ଶାନ୍ତି ରହିବ ।
- କନ୍ୟା: ବ୍ୟବସାୟରେ ଲାଭ ହେବ । ପରିବାରରେ ଶାନ୍ତି ରହିବ । ଆତ୍ମୀୟଙ୍କ ସହିତ ଭେଟ ହେବ ।
- ତୁଳା: ଆଜି ଆପଣ ଅଧିକ ଖର୍ଚ୍ଚ କରିବେ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । ପରିବାରରେ ଶାନ୍ତି ରହିବ ।
- ବୃଶ୍ଚିକ: ବ୍ୟବସାୟରେ ଲାଭ ହେବ । ପରିବାରରେ ଶାନ୍ତି ରହିବ । ଆତ୍ମୀୟଙ୍କ ସହିତ ଭେଟ ହେବ ।
- ଧନୁ: ଆଜି ଆପଣ ଅଧିକ ଖର୍ଚ୍ଚ କରିବେ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । ପରିବାରରେ ଶାନ୍ତି ରହିବ ।
- ମକର: ବ୍ୟବସାୟରେ ଲାଭ ହେବ । ପରିବାରରେ ଶାନ୍ତି ରହିବ । ଆତ୍ମୀୟଙ୍କ ସହିତ ଭେଟ ହେବ ।
- କୁମ୍ଭ: ଆଜି ଆପଣ ଅଧିକ ଖର୍ଚ୍ଚ କରିବେ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । ପରିବାରରେ ଶାନ୍ତି ରହିବ ।
- ମୀନ: ବ୍ୟବସାୟରେ ଲାଭ ହେବ । ପରିବାରରେ ଶାନ୍ତି ରହିବ । ଆତ୍ମୀୟଙ୍କ ସହିତ ଭେଟ ହେବ ।

ଆଜିର ଇତିହାସ

- ୧୮୨୬- ବିଶ୍ୱ ଯୁଦ୍ଧରେ ଜାପାନ ଆତ୍ମସମର୍ପଣ କରିବାର ଘୋଷଣା କରେ ।
- ୧୯୫୫- ଜାତୀୟ ପତାକାର ଡିଜାଇନ ଗୃହୀତ ହୁଏ ।
- ୧୯୫୮- ଆଲାସକାରେ ଭୂକମ୍ପ ହୁଏ ।
- ୧୯୯୫- ବ୍ରିଟିଶ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ଭାରତ ଗସ୍ତରେ ଆସିଛନ୍ତି ।

ମହିଳାଙ୍କ ଅଜବ ସପନ

ନାକରେ ଖାଦ୍ୟଗ୍ରହଣ

ଆଧୁନିକ ଯୁଗରେ ମଣିଷ ନିଜର ଖାଦ୍ୟ ଗ୍ରହଣ ପାଇଁ ବିଭିନ୍ନ ପନ୍ଥା ଅବଲମ୍ବନ କରିଛି । ଏହି ଖାଦ୍ୟ ଗ୍ରହଣ ପାଇଁ ମଣିଷ ମୁଖ ବ୍ୟବହାର କରିଥାଏ । ମାତ୍ର ଏବେ ଏକ ଅଦ୍ଭୁତ ଘଟଣା ଘଟିଛି । ଜଣେ ମହିଳା ନାକରେ ଖାଦ୍ୟ ଗ୍ରହଣ କରୁଛନ୍ତି । ଏହି ଘଟଣା ଚାରିଦିଗରେ ଚର୍ଚ୍ଚା ହେଉଛି । ଏହି ମହିଳା ଜଣକ ଜଣେ ଗୃହବଧୂ । ସେ ନିଜ ଘରେ ରହି ଖାଦ୍ୟ ରନ୍ଧନ କରିଥାନ୍ତି । ଏହି ଘଟଣା ଜଣେ ଡାକ୍ତରଙ୍କ ଦୃଷ୍ଟିରେ ପଡିଛି । ଡାକ୍ତର ଏହି ମହିଳାଙ୍କ ଚିକିତ୍ସା କରିବା ପାଇଁ ଚେଷ୍ଟା କରିଛନ୍ତି । ଏହି ଘଟଣା ଚାରିଦିଗରେ ଚର୍ଚ୍ଚା ହେଉଛି । ଏହି ମହିଳା ଜଣକ ଜଣେ ଗୃହବଧୂ । ସେ ନିଜ ଘରେ ରହି ଖାଦ୍ୟ ରନ୍ଧନ କରିଥାନ୍ତି । ଏହି ଘଟଣା ଜଣେ ଡାକ୍ତରଙ୍କ ଦୃଷ୍ଟିରେ ପଡିଛି । ଡାକ୍ତର ଏହି ମହିଳାଙ୍କ ଚିକିତ୍ସା କରିବା ପାଇଁ ଚେଷ୍ଟା କରିଛନ୍ତି । ଏହି ଘଟଣା ଚାରିଦିଗରେ ଚର୍ଚ୍ଚା ହେଉଛି । ଏହି ମହିଳା ଜଣକ ଜଣେ ଗୃହବଧୂ । ସେ ନିଜ ଘରେ ରହି ଖାଦ୍ୟ ରନ୍ଧନ କରିଥାନ୍ତି । ଏହି ଘଟଣା ଜଣେ ଡାକ୍ତରଙ୍କ ଦୃଷ୍ଟିରେ ପଡିଛି । ଡାକ୍ତର ଏହି ମହିଳାଙ୍କ ଚିକିତ୍ସା କରିବା ପାଇଁ ଚେଷ୍ଟା କରିଛନ୍ତି । ଏହି ଘଟଣା ଚାରିଦିଗରେ ଚର୍ଚ୍ଚା ହେଉଛି । ଏହି ମହିଳା ଜଣକ ଜଣେ ଗୃହବଧୂ । ସେ ନିଜ ଘରେ ରହି ଖାଦ୍ୟ ରନ୍ଧନ କରିଥାନ୍ତି । ଏହି ଘଟଣା ଜଣେ ଡାକ୍ତରଙ୍କ ଦୃଷ୍ଟିରେ ପଡିଛି । ଡାକ୍ତର ଏହି ମହିଳାଙ୍କ ଚିକିତ୍ସା କରିବା ପାଇଁ ଚେଷ୍ଟା କରିଛନ୍ତି । ଏହି ଘଟଣା ଚାରିଦିଗରେ ଚର୍ଚ୍ଚା ହେଉଛି ।

ରାଜୀବ ଗାନ୍ଧୀଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି

ଆଜି ରାଜୀବ ଗାନ୍ଧୀଙ୍କ ପୁଣ୍ୟତିଥି । ଏହି ଅବସରରେ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ଏହି ଅବସରରେ ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜନ କରିଛନ୍ତି । ଏହି ଅବସରରେ ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜନ କରିଛନ୍ତି । ଏହି ଅବସରରେ ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜନ କରିଛନ୍ତି । ଏହି ଅବସରରେ ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜନ କରିଛନ୍ତି । ଏହି ଅବସରରେ ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜନ କରିଛନ୍ତି ।

୨୫ ଲକ୍ଷର ବିବାହ କାର୍ଡ

ଆଜିକାଲି ବିବାହ ଉତ୍ସବରେ ଲୋକେ ଅଧିକ ଖର୍ଚ୍ଚ କରୁଛନ୍ତି । ଏହି ଖର୍ଚ୍ଚ ମଧ୍ୟରେ ବିବାହ କାର୍ଡ ଉପରେ ମଧ୍ୟ ଅଧିକ ଖର୍ଚ୍ଚ କରୁଛନ୍ତି । ଏହି ଖର୍ଚ୍ଚ ମଧ୍ୟରେ ବିବାହ କାର୍ଡ ଉପରେ ମଧ୍ୟ ଅଧିକ ଖର୍ଚ୍ଚ କରୁଛନ୍ତି । ଏହି ଖର୍ଚ୍ଚ ମଧ୍ୟରେ ବିବାହ କାର୍ଡ ଉପରେ ମଧ୍ୟ ଅଧିକ ଖର୍ଚ୍ଚ କରୁଛନ୍ତି । ଏହି ଖର୍ଚ୍ଚ ମଧ୍ୟରେ ବିବାହ କାର୍ଡ ଉପରେ ମଧ୍ୟ ଅଧିକ ଖର୍ଚ୍ଚ କରୁଛନ୍ତି । ଏହି ଖର୍ଚ୍ଚ ମଧ୍ୟରେ ବିବାହ କାର୍ଡ ଉପରେ ମଧ୍ୟ ଅଧିକ ଖର୍ଚ୍ଚ କରୁଛନ୍ତି ।

ଦକ୍ଷତା ବୃଦ୍ଧି ପାଇଁ ସଂକ୍ଷିପ୍ତ ପାଠ୍ୟକ୍ରମ

ଆଜିକାଲି ଛାତ୍ରଛାତ୍ରୀମାନେ କୌଣସି ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପୁସ୍ତକ ପଢେ ଓ ଭିଡିଓର ଦେଖିଥାନ୍ତି । ଯେବେ କୌଣସି ଛାତ୍ର ସମ୍ମୁଖୀନ ହେବ ସେହି ସମସ୍ୟା ପାଇଁ ସେହି ବିଷୟ ଦକ୍ଷତା ବୃଦ୍ଧି କରିପାରିବେ ।

ସମ୍ଭାବନା

ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ

ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ । ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ । ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ । ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ । ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ । ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ ।

- ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ । ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ । ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ ।
- ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ । ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ ।
- ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ ।
- ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ । ଜୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ ।

ହ୍ୱାଟ୍ସଆପ୍‌ର ନୂଆ ଫିଚର୍

ହ୍ୱାଟ୍ସଆପ୍‌ର ନୂଆ ଫିଚର୍ । ହ୍ୱାଟ୍ସଆପ୍‌ର ନୂଆ ଫିଚର୍ । ହ୍ୱାଟ୍ସଆପ୍‌ର ନୂଆ ଫିଚର୍ । ହ୍ୱାଟ୍ସଆପ୍‌ର ନୂଆ ଫିଚର୍ । ହ୍ୱାଟ୍ସଆପ୍‌ର ନୂଆ ଫିଚର୍ । ହ୍ୱାଟ୍ସଆପ୍‌ର ନୂଆ ଫିଚର୍ ।

ଅଧିକ ଖାଦ୍ୟପୋଷକ ହୁଏ ଫଳ

ଫଳ ଖାଇବା ଦ୍ୱାରା ଶରୀରରେ ଅଧିକ ପୋଷକ ତତ୍ତ୍ୱ ଯୋଗାଇ ଦିଏ । ଫଳ ଖାଇବା ଦ୍ୱାରା ଶରୀରରେ ଅଧିକ ପୋଷକ ତତ୍ତ୍ୱ ଯୋଗାଇ ଦିଏ । ଫଳ ଖାଇବା ଦ୍ୱାରା ଶରୀରରେ ଅଧିକ ପୋଷକ ତତ୍ତ୍ୱ ଯୋଗାଇ ଦିଏ । ଫଳ ଖାଇବା ଦ୍ୱାରା ଶରୀରରେ ଅଧିକ ପୋଷକ ତତ୍ତ୍ୱ ଯୋଗାଇ ଦିଏ । ଫଳ ଖାଇବା ଦ୍ୱାରା ଶରୀରରେ ଅଧିକ ପୋଷକ ତତ୍ତ୍ୱ ଯୋଗାଇ ଦିଏ ।

ଦୈନିକ ସମାଚାର

ସମ୍ପାଦକୀୟ...

ଗୁରୁବାର ୨୯ ଜାନୁଆରୀ ୨୦୨୬

ପଶ୍ଚାତ୍ୟ ଦେଶଙ୍କ ଅସହିଷ୍ଣୁତା

ଋଷ-ୟୁକ୍ରେନ ଯୁଦ୍ଧରେ ଆଉ ଏକ ପର୍ବ ଯୋଡିହୋଇଯାଇଛି । ଯେଉଁଠି ୟୁକ୍ରେନ ଋଷର ୪୦ଟି ବୋମାବର୍ଷଣକାରୀ ଯୁଦ୍ଧବିମାନକୁ ଏକସାଙ୍ଗରେ ଡ୍ରୋନ କରିଆରେ ନଷ୍ଟ କରିଦେଇଛି । ଖାଲି ସେତିକି ନୁହେଁ ୟୁକ୍ରେନ ବିରୁଦ୍ଧରେ ଅପରେସନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଯୁଦ୍ଧବିମାନର ପ୍ରାୟ ୩୦ପ୍ରତିଶତ ବିମାନ ନଷ୍ଟ ହୋଇଯାଇଛି । ଏହାସହ ଋଷର ୧୫ଟି ଏୟାରବେସକୁ ମଧ୍ୟ ନଷ୍ଟ କରିଦିଆଯାଇଛି ବୋଲି ୟୁକ୍ରେନ ଦାବି କରିଛି । ଋଷରେ ରେଳଷ୍ଟେସନ ବସଷ୍ଟାଣ୍ଡ ଓ ଅନେକ ପ୍ରତିଷ୍ଠାନ ଉପରେ ଏକସଙ୍ଗରେ ଏକ ବଡଧରଣର ଡ୍ରୋନ ଆକ୍ରମଣ କରାଯାଇଛି । ୟୁକ୍ରେନର ୧୬୦ଟି ଡ୍ରୋନ ଏହି ଅପରେସନରେ ନିୟୋଜିତ ଥିବାର ଜେଲେନ୍ସକି କହିଛନ୍ତି । ଏହି ଆକ୍ରମଣ ଠିକ ଏହି ସମୟରେ ହୋଇଛି ଯେତେବେଳେ ୟୁକ୍ରେନ ଓ ଋଷ ମଧ୍ୟରେ ତୁର୍କିର ଇସ୍ତାନବୁଲ ସହରରେ ଶାନ୍ତିବାର୍ତ୍ତା ଆଲୋଚନା ହେଉଛି । ୟୁକ୍ରେନ ଏତେବଡ ଆକ୍ରମଣ କରିବା ପରେ ସଙ୍ଗେସଙ୍ଗେ ଶାନ୍ତି ବୁଝିରେ ଆଗାମୀ ୩୦ଦିନ ପାଇଁ ଅସ୍ଥବିରତିର ପ୍ରସ୍ତାବ ଦେଇଛି । ତେବେ ୟୁକ୍ରେନ ଏହି ଆକ୍ରମଣ ସମ୍ପର୍କରେ ପୂର୍ବରୁ ଆମେରିକାକୁ ମଧ୍ୟ ଅବଗତ କରିଥିଲା । ଗୋଟିଏ ପଟେ ଆମେରିକା ଋଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବନ୍ଦ ଲାଗି ଶାନ୍ତିଦୂତ ହେବାର ପ୍ରଚାର କରୁଥିବା ବେଳେ ଏତେବଡ ଆକ୍ରମଣ ସମ୍ପର୍କରେ ଅମ୍ପୂର୍ଣ୍ଣ ଅବଗତ ଥାଇ ରୂପ ବସି ତାମସା ଦେଖୁଥିଲା । ୟୁକ୍ରେନର ଏହି ଆକ୍ରମଣ ପଛରେ ପାଶ୍ଚାତ୍ୟ ରାଷ୍ଟ୍ର ବା ନାଟୋ ରାଷ୍ଟ୍ରଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିଛି । ୟୁରୋପୀୟ ରାଷ୍ଟ୍ରଙ୍କ ବିନା ସାହାଯ୍ୟରେ ୟୁକ୍ରେନ ଏତେବଡ ଆକ୍ରମଣକୁ ସଫଳ କରିବା ଅସମ୍ଭବ । ତେବେ ଆଗାମୀ ଦିନରେ ଋଷ ଏହାର କି ପ୍ରକାର ପ୍ରତିଆକ୍ରମଣ କରିବ ଓ ଏହି ଯୁଦ୍ଧ ବନ୍ଦ ହେବା ବଦଳରେ କେଉଁ ସ୍ତରର ଧ୍ୱଂସଲୀଳାକୁ ନିମନ୍ତ୍ରଣ କରିବ ତାହା ଆଗାମୀ ଦିନରେ ଦେଖିବାକୁ ବାକିରହିଲା । କିନ୍ତୁ ଏଥିରେ ଗୋଟିଏ ସତ୍ୟତା ସ୍ପଷ୍ଟ ଜଣାପଡେ ଯେ, ଆମେରିକା ତଥା ପାଶ୍ଚାତ୍ୟ ରାଷ୍ଟ୍ରମାନେ ଯେତେବେଳେ ପ୍ରକାରେ ୟୁକ୍ରେନକୁ ଭାଲ କରି ଋଷକୁ ଯୁଦ୍ଧରେ ଲିପ୍ତ ରଖିବାକୁ ଯୋଜନା କରିଛନ୍ତି । ବାର୍ଘ ସମୟ ଯୁଦ୍ଧରେ ଗୋଟିଏ ଦେଶ ରହିଲେ ଏହାର ଅନେକ ସମୟ ନଷ୍ଟ ହେବା ସହ ଅର୍ଥନୀତିକ ପ୍ରତିକୂଳ ପ୍ରଭାବ ମଧ୍ୟ ଅତି ଗୁରୁତର ଭାବେ ଦେଖାଯିବ ଯାହାର ଫଳ ସ୍ୱରୂପ ଋଷ ଦୁର୍ବଳ ହୋଇଯିବ । ଋଷ ପରି ବିଶାଳ ଶକ୍ତିଶାଳୀ ଦେଶ ଯଦି ପରାଜୟ ବରଣ କରେ ତେବେ ଏହି ଷଡଯନ୍ତ୍ର ବିଶ୍ୱର ଅନ୍ୟ ଦେଶମାନଙ୍କ ମଧ୍ୟ ପ୍ରୟୋଗ କରାଯାଇ ପାରିବ ଓ ସେମାନଙ୍କୁ ଦୁର୍ବଳ କରିଦିଆଯିବ । ତେବେ ସେମାନେ କେବଳ ୟୁକ୍ରେନକୁ ମାଧ୍ୟମ କରି ଋଷକୁ ଯୁଦ୍ଧରେ ଲିପ୍ତ କରି ବରବାଦ କରିବାକୁ ଚାହାଁନ୍ତି ଓ ଋଷକୁ ଅତୀତରେ ତା'ର ବିପଦରେ ସାହାଯ୍ୟ କରିଥିବା ଋଷର ବନ୍ଧୁରାଷ୍ଟ୍ର ଭାରତକୁ ମଧ୍ୟ ପାକିସ୍ଥାନ ବିପକ୍ଷରେ ଯୁଦ୍ଧରେ ଲିପ୍ତ ରଖି ଭାରତ ଯେଉଁ ବିଶ୍ୱର ଚତୁର୍ଥ ଶ୍ରେଷ୍ଠ ଅର୍ଥନୀତିରେ ପହଂଚି ତାହାକୁ କିପରି ଭାବେ ପଛକୁ ତା ଗୋଡକାଟୁ ଟାଣିଦିଆଯାଇପାରିବ ସେଥିପାଇଁ ପହଲଗାଓଁ ଆତଙ୍କୀ ନରସଂହାର ଓ ଏହାର ପରବର୍ତ୍ତୀ ଘଟଣାବଳୀରେ ପାଶ୍ଚାତ୍ୟ ରାଷ୍ଟ୍ରମାନେ ବିଶେଷକରି ଆମେରିକା ଯେପରି ଭାବେ ଭାରତ ବିରୋଧରେ ଷଡଯନ୍ତ୍ର କରିଚାଲିଛନ୍ତି ତାହା ଆଜି କାହାକୁ ଅଜ୍ଞତା ନାହିଁ । ଆମେରିକା ଓ ଏହାର ମିତ୍ର ରାଷ୍ଟ୍ରମାନଙ୍କର ଭାରତ ପ୍ରତି ଉପରେ ଲୋକଦେଖାଣିଆ ଭାଇଭାଇ ଓ ପଛରେ ଗଳାକାଟ ନୀତି ଆଉ କାହାରିକୁ ଅଜ୍ଞତା ନାହିଁ । ପହଲଗାଓଁ ନରସଂହାର ସମୟରେ ଆମେରିକା ସମେତ ଅଧିକାଂଶ ପାଶ୍ଚାତ୍ୟ ଦେଶ ଏହାର ନିନ୍ଦା କରିବା ସହ ଆତଙ୍କବାଦ ବିରୋଧରେ ଭାରତର କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରିଥିଲେ । କିନ୍ତୁ ବାସ୍ତବ କାର୍ଯ୍ୟାନୁଷ୍ଠାନ ଯେତେ ପାଖେଇଗଲା ସେସବୁ ଦେଶ ଆଗପରି ଭାରତର ସମର୍ଥନରେ ମୁଖର ହେଲେ ନାହିଁ । ଆମେରିକା ମଧ୍ୟ ସେଥିମଧ୍ୟରୁ ଜଣେ । ସୁରଣ କରାଯାଇପାରେ ଯେ, ଠିକ ଏହିପରି ସମୟରେ ପାକିସ୍ଥାନ ବିରୋଧରେ ଭାରତ 'ଅପରେସନ ସିନ୍ଦୁର'ଆରମ୍ଭ କରିଥିଲା' । ପାକିସ୍ଥାନ ବିମାନବାହିନୀର ପ୍ରମୁଖ ଲଢୁଆ ବିମାନ ହେଉଛି ଏଫ-୧୬ । ଆଫଗାନିସ୍ଥାନରେ ଆମେରିକାକୁ ସାହାଯ୍ୟ କରିବା ଲାଗି ତାଙ୍କୁ ଏହି ବିମାନ ଉପହାରରେ ମିଳିଛି । ଉଲ୍ଲେଖ ଯୋଗ୍ୟ ଯେ, ଗୋଟିଏ ସମୟରେ ଲଢୁଆ ବିମାନ ଭାବେ ନା କରିଥିଲା । ସେତେବେଳେ ଭାରତ ଏହା କିଣିବାକୁ ଚାହିଁଥିଲାବେଳେ ଆମେରିକା ନାଜ କରିଦେଇଥିଲା । ସେହିଦିନଠାରୁ ଭାରତ ଏଫ ସିରିଜର ବିମାନ କିଣିବାକୁ ଆଗ୍ରହୀ ରୁହେଁ । ଅପରପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବନ୍ଧୁତାକୁ ନେଇ ଲଭର ମଧ୍ୟରେ ଅଲଗା ଅଲଗା ଅପେକ୍ଷା ଥିଲା । ଭାରତ ଆଶା ରଖିଥିଲା ଟ୍ରମ୍ପ ଟେରସ ପାଇଁ ଲଜିକ ଯୋଗାଇବାରେ ନିଜର ପ୍ରଭାବ ପକାଇବେ । ଅପରପକ୍ଷରେ ଆମେରିକା ମଧ୍ୟ ଚାହୁଥିଲା ଯେ, ଏଫ-୩୫ଭାରତକୁ ବିକିବା ବିଗରେ ମୋଦୀ ପ୍ରାଭାବ ପକାଇବେ । ବିଶେଷଜ୍ଞମାନଙ୍କ ମତ ଯେ, ଲଢୁଆ ଲଜିକ ଯୋଗାଇବାରେ ଟାଲଟୁଲ ନୀତି କରିବା ପଛରେ ଏଫ-୩୫ ବିକ୍ରି କରିବା ହିଁ ମୂଳ କାରଣ । ଅପରପକ୍ଷେ ସିନ୍ଦୂରରେ ଭାରତ ପାକିସ୍ଥାନ ଭିତରେ ଯେଉଁ ବିମାନ ଯୁଦ୍ଧ ହେଲା ସେଥିରେ ଭାରତର ସୁଖୋଇ, ରାଫେଲ,ମିରାଜର ମୁକାବିଲା କରିବା ପାଇଁ ପାକିସ୍ଥାନର ଚୀନ ନିର୍ମିତ ଜେ୧୭ ଜେ ୧୦୫ ଏଫ୧୬ କୁ ମାରି ଖସାଇଦେଲା । ଯୁଦ୍ଧରେ ଭାରତ ଚୀନ ନିର୍ମିତଗୋଟିଏ ଏଫ-୧୬ ବିମାନକୁ ମାରି ଖସାଇଲା ବେଳେ ତା'ର ପାଇଲଟ ଭାରତ ହାତରେ ଧରାପଡିଛି । ଆନ୍ତର୍ଜାତିକ ଅସ୍ତ୍ରଶସ୍ତ୍ର ବଜାରରେ ଯୁଦ୍ଧ ସମୟରେ ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର ଚାହିଦା ଓ ମୂଲ୍ୟ ବଢିଥାଏ । ଭାରତ ହାତରୁ ଶୋଚନୀୟ ବରଣ କରିଥିବା ପାକିସ୍ଥାନୀ ଟ୍ରାଷ୍ଟ ବିମାନ ଗୁଡିକ ଆନ୍ତର୍ଜାତିକ ବଜାରରେ ଚାର ଚାହିଦା ହରାଇଛି । ଚୀନର ପ୍ରତିରକ୍ଷା କମ୍ପାନୀଗୁଡିକ ଅପରେସନ ସିନ୍ଦୂର ପରେ ସେୟାର ମାର୍କେଟରେ ହଜାରହଜାର କୋଟି ଡଲାର କ୍ଷତି ସହିଲେଣି । ଅପରପକ୍ଷରେ ଆମେରିକାର ଏଫ-୧୬ ସିରିଜ ବିମାନ ଗୁଡିକ ମଧ୍ୟ ଚାହିଦା ହରାଇଲେଣି । ଭାରତ ଦେଖାଦେଖି ଅଧିକାଂଶ ଦେଶ ପୂର୍ବପରି ଆଉ ଆଗ୍ରହୀ ନୁହଁନ୍ତି । କିଛିବର୍ଷ ତଳେ ବାଲାକୋଟ ଏୟାର ଷ୍ଟ୍ରାଇକ ସମୟରେ ମଧ୍ୟ ଭାରତର ମିଗ୨୧ ଏଫ୧୬ କୁ ମାରି ତଳକୁ ଖସାଇଦେଇଥିଲା । ଆନ୍ତର୍ଜାତିକ ବଜାରରେ କିପରି ଭାବେ ବୁଲବୁଲଥର ଭାରତ ହିଁ ଆମେରିକାର ଏଫ ସିରିଜର ଦୁର୍ଗତି ଘଟାଇଥିଲା । ଆମେରିକା ମନେମନେ କ୍ଷୁବ୍ଧ । ସେ ଆଶା ରଖିଥିଲା ଭାରତ ଏଫ-୩୫ କିଣିଥିଲେ ଆନ୍ତର୍ଜାତିକ ବଜାରରେ ପୁଣି ଏଫ ସିରିଜର ଚାହିଦା ବଢିଚାଲିଥାନ୍ତା । ସବୁଦୃଷ୍ଟିରୁ ଭାରତ ତାକୁ ନିରାଶ କରିବାରୁ ଆମେରିକା ଏବେ ଭାରତ ଉପରେ ନାରାଜ । କିଛି ପରିମାଣରେ

ହାଲୁକା ସଂବିଧାନ !

ଆମ ସଂବିଧାନ ପ୍ରଣେତାଗଣ ସୁଶାସନ ସୁନିଶ୍ଚିତ କରିବା ସହାଶେ ତଢିରେ ଅନେକ ପ୍ରାବଧାନ କରିଛନ୍ତି । ତେବେ, କେ ?ଣସି ନିର୍ଦ୍ଧାରିତ ସରକାର, ତା'ର କର୍ଯ୍ୟା ବଳ ହେତୁ, ଯେମିତି ନିରଙ୍କୁଶ ହୋଇ ନ ଯାଏ, ସେଥି ଲାଗି ଅନେକ ସାଂବିଧାନିକ ପଦ ଓ ଅନୁଷ୍ଠାନର ପରିକଳ୍ପନା କରି ନିୟନ୍ତ୍ରଣ ଓ ଭାରସାମ୍ୟ ରକ୍ଷାର ବ୍ୟବସ୍ଥା ମଧ୍ୟ କରିଛନ୍ତି । କିନ୍ତୁ, 'ଇମର୍ଜେନ୍ସି' ଭଳି ସଂବିଧାନକୁ ଲୁଲୁଣ୍ଠିତ କରିଥିବା ଭଳି ପଦକ୍ଷେପ ଠାରୁ ଯେନି ବିଭିନ୍ନ ରାଜ୍ୟରେ ନ୍ୟାୟାରିତ ସରକାରର ପତନ ଘଟାଇବା, ନିର୍ବାଚନ କମିଶନ, ଇ.ଡି., ସି.ବି.ଆଇ. ଭଳି ସ୍ୱାୟତ ଓ ସାଂବିଧାନିକ ଅନୁଷ୍ଠାନ ଏବଂ ରାଜ୍ୟପାଳ ଭଳି ଗରିମାମୟ ସାଂବିଧାନିକ ପଦକୁ ସ୍ୱାର୍ଥ ସାଧନର ଅଭିସନ୍ଧି ରଖି ପ୍ରୟୋଗ କରିବା ପର୍ଯ୍ୟନ୍ତ ଅନେକ ଅଙ୍ଗଂବିଧାନିକ କାର୍ଯ୍ୟକଳାପ ସ୍ୱାଧୀନତା ପରବର୍ତ୍ତୀ କାଳ ଠାରୁ ପ୍ରତ୍ୟେକ ସରକାରଙ୍କ ଅମଳରେ ଘଟି ଚାଲିଛି । ଆଜି ଆମ ରାଷ୍ଟ୍ର ଭାରତବର୍ଷ ଗୋଟିଏ ସାଧାରଣତନ୍ତ୍ର ରୂପେ ଅଶ୍ରୁତ୍ରିର ବର୍ଷ ଉତ୍ସବରେ ପଦାର୍ପଣ କରିଛି । ଭାରତ, ୧୯୫୦ ମସିହାର ଆଜିର ଦିନରେ ଆମ ଦେଶ ବିଧିବଦ୍ଧ ଭାବେ ଏକ ସ୍ୱ-ସର୍ଜିତ, ଦୁବରର୍ଣ୍ଣ, ବିବେଚନାପୂର୍ଣ୍ଣ ଓ ବିସ୍ତୃତ ବିଧାନ ଗ୍ରନ୍ଥ ଲାଭ କରିଥିଲା, ଯାହାକୁ ଆମ ଗଣତନ୍ତ୍ରର ଆତ୍ମା ବୋଲି ନିର୍ଦ୍ଦିଷ୍ଟରେ ସ୍ୱୀକାର କରାଯାଇଥାଏ । ତେବେ, କଥା ହେଲା, ସଂପ୍ରତି ଆମ ସଂବିଧାନ, ପୂର୍ବରୁ କବାଡିଦ୍ଦ ଦୃଶ୍ୟମାନ ହୋଇ ନ ଥିବା ଭଳି, ବାରମ୍ବାର ତର୍ଜାର ପରିଚୟକୁ ଆସିବାରେ ଲାଗିଛି, ଯଦିଚେ ଶାସକ ଦଳ ପକ୍ଷରୁ ୧୯୭୫ ମସିହାର 'ଇମର୍ଜେନ୍ସି'କୁ ଦର୍ଶାଇ ତତ୍କାଳୀନ କଂଗ୍ରେସ ସରକାର ଦ୍ୱାରା କିଭଳି ସଂବିଧାନର ହନନ କରାଯାଇଥିଲା ସେ ନେଇ ଉଚ୍ଚାଟ ସୃଷ୍ଟି କରାଯାଇଥିବା ବେଳେ କଂଗ୍ରେସ ଓ ଅନ୍ୟାନ୍ୟ ବିରୋଧୀ ଦଳଗୁଡିକ ପକ୍ଷରୁ ବୁହାକୁ ବୁହା ଐତିହ୍ୟ ଚାନ ଦିଆଯାଉଛି ଯେ ସାଂପ୍ରତିକ ସରକାର ସଂବିଧାନରେ ଉଲ୍ଲିଖିତ ଧର୍ମ ନିରପେକ୍ଷତା, ଭ୍ରାତୃତ୍ୱ ଭାବ ଓ ସଂଘୀୟତା ଭଳି ମହତ୍ତ୍ୱପୂର୍ଣ୍ଣ ପ୍ରାବଧାନରେ ପରିବର୍ତ୍ତନ ଘଟାଇ ଭାରତୀୟ ଗଣତନ୍ତ୍ରର ଗୁଣସୂତ୍ରରେ ପରିବର୍ତ୍ତନ ଘଟାଇବାକୁ ଉଦ୍‌ଗ୍ରୀବ । ଏଭଳି ସ୍ଥଳେ ରାଜନୈତିକ ହଟଦମଚକୁ ଦୂରରେ ରହି ଭାରତୀୟ ନାଗରିକଙ୍କ ଦୈନନ୍ଦିନ ଜୀବନରେ ସଂବିଧାନର ଭୂମିକାକୁ ନେଇ ଏକ କ୍ଷୁଦ୍ର ଆଲୋଚନା ଆଜିର ଦିବସରେ ବିଶେଷ ଗୁରୁତ୍ୱ ବହନ କରିଥାଏ । ଏଥିରେ ଦ୍ୱିଧା ନାହିଁ ଯେ ୧୪୦ କୋଟି ସରିକି ଭାରତୀୟ ନାଗରିକଙ୍କ ମଧ୍ୟରୁ ୯୫%ରୁ ଅଧିକ ସେମାନଙ୍କ ଜୀବଦଶାରେ ହୁଏତ ସଂବିଧାନ ଗ୍ରନ୍ଥଟିକୁ ଦେଖିବାର ସୁଯୋଗ ପାଇ ନ ପାରନ୍ତି ଏବଂ ତାକୁ ପାଖରେ ରଖିବାର ଆବଶ୍ୟକତା ଅନୁଭବ କରି ନ ପାରନ୍ତି, ପାଠ କରିବା ତ ଦୂରର କଥା ! ତା' ସତ୍ତ୍ୱେ ନିୟମ ଅନୁବର୍ତ୍ତୀ ଜଣେ ସାଧାରଣ ନାଗରିକ ଯଦି ଆଶ୍ୱସ୍ତ ଯେ ଗଣତନ୍ତ୍ରର କୌଣସି ଏକ ଉତ୍ସରୁ ପ୍ରବାହିତ ନୀତି, ନିୟମ, ଅନୁଶାସନ, ଶୃଙ୍ଖଳା, ଅଧିକାରବୋଧ ଇତ୍ୟାଦିର ଧାରା ଠିକଣା ଭାଗମାପରେ ପ୍ରବାହିତ ହୋଇ ତା'ର ଜୀବନକୁ ସାବଲୀଳ କରିପାରିଛି, ତେବେ ଧରି ନେବାକୁ ହେବ ଯେ ସଂବିଧାନର ସ୍ୱାସ୍ଥ୍ୟ ଅକ୍ଷୁଣ୍ଣ ଅଛି । କହିବାର ତାତ୍ପର୍ଯ୍ୟ ହେଲା ସଶରୀର ଉପସ୍ଥିତି ନ ଥିଲେ ବି ନାଗରିକ ଜୀବନରେ ସଂବିଧାନର ଆଶ୍ୱାସନାକାରୀ ଅସ୍ତିତ୍ୱ ସମ୍ଭବ ହୋଇପାରିବା ହିଁ ହେଉଛି ଏକ ଆଦର୍ଶ ସ୍ଥାନୀୟ ଗଣତନ୍ତ୍ରର ପରିଚାୟକ । ତେଣୁ ଭାରତୀୟ ସଂବିଧାନରେ ଯେଉଁ ବିଷୟଟି ସର୍ବାଧିକ ଗୁରୁତ୍ୱ ପାଇଛି, ତାହା ହେଉଛି ପ୍ରକୃତ କ୍ଷମତାର ଉତ୍ସ ହେବେ ଭାରତୀୟ ନାଗରିକ(ଜ୍ଞି ଜ ପିପୁଲ), ଯେଉଁମାନେ ଆପଣା କ୍ଷମତାକୁ ସୁଶାସନ ଜଳ୍ପେ ରାଷ୍ଟ୍ରକୁ ଅର୍ପଣ କରିବେ; ଯେଉଁ ଅର୍ଥରେ ଭାରତୀୟ ନାଗରିକମାନେ 'ପ୍ରଭୁ' ଏବଂ ଜନ ପ୍ରତିନିଧି ବା ସରକାରୀ କର୍ମଚାରୀମାନେ 'ସେବକ' (ପବ୍ଲିକ ସର୍ଭଂଟ) ରୂପେ ପରିଚିତ ହେବେ । ଦୀର୍ଘ ଅଢ଼େଇ ଶହ ବର୍ଷର ବ୍ରିଟିସ ପରାଧୀନତାରୁ ମୁକ୍ତ ଦେଶବାସୀଙ୍କ ମନରେ ସ୍ୱାଧୀନ ହୋଇଥିବାର ଅନିର୍ବଚନୀୟ ପୁଲକ ସୃଷ୍ଟି କରିବାକୁ ଯାଇ ସଂବିଧାନ ପ୍ରଣେତାମାନେ ସମ୍ଭବତଃ ଏଭଳି ବର୍ଣ୍ଣନାର ଆଶ୍ରୟ ନେଇଥିବେ; କାରଣ ସେହି ନାଗରିକ କ୍ଷମତା ପ୍ରତି ପାଟଂ ବର୍ଷରେ ଥରେ, ନିର୍ବାଚନ କାଳରେ ପରିଦୃଷ୍ଟ ହୋଇ, ଅଲୋପ୍ତା ସରକାରଗୁଡ଼ିକୁ ବଦଳାଇ ଦେଇ ପାରିବ ! କହିବା ବାହୁଲ୍ୟ, ସେଭଳି ହିଁ ଘଟି ଚାଲିଛି; ସରକାରମାନ ବଦଳୁଛନ୍ତି ! କିନ୍ତୁ ପ୍ରଶ୍ନ ହେଲା, ନାଗରିକର ଇଚ୍ଛା ବା ପସନ୍ଦ ମୁତ୍ତ ହୋଇ ରହିଛି ତ ? ନା ବିଭିନ୍ନ ଉପାୟରେ ସୁବ୍ୟବସ୍ଥିତ ଢଙ୍ଗରେ ତାକୁ ପ୍ରଭାବିତ କରିବାର ପ୍ରକରଣ ଦୃଢ଼ମୂଳ ହୋଇ ସାରିଲାଣି ୧୯୪୩ ମସିହାରେ ପ୍ରସିଦ୍ଧ ଭାରତୀୟ ଲେଖକ ଆର. କେ. ନାରାୟଣଙ୍କ ରଚିତ ପୁସ୍ତକ 'ମାଲଗୁଡ଼ି ଡେଜ୍'ରେ ଥିବା ଗଳ୍ପ 'ଦ ଗେଟମ୍ୟାନ୍‌ସ ଗିଫ୍‌ଟ'ରେ ବର୍ଣ୍ଣିତ ଅଛି ଜିଲ୍ଲାଜି ମୁଖ୍ୟ ଚରିତ୍ର ଗୋବିନ୍ଦ ସିଂହ, ଜଣେ ଅତ୍ୟନ୍ତ ନିଷ୍ପାପର ସରଳତାର ଉଦାହରଣ । ଏହି ଗଳ୍ପ ଅବଦାରଣା କରିବାର ତାତ୍ପର୍ଯ୍ୟ ହେଲା ସ୍ୱାଧୀନତା ଲାଭ କରିବାର ୭୮ ବର୍ଷ ପରେ ସୁଦ୍ଧା କୌଣସି ସରକାରୀ କର୍ମଚାରୀ ଖାମ କବା ଚିଠି ପହଂଚିଗଲେ ଜଣେ ସାଧାରଣ ନାଗରିକ ଆଶ୍ଚର୍ଯ୍ୟାନ୍ତ ହୋଇ ଉଠେ । ଏହାର ଅର୍ଥ ବ୍ରିଟିସ ଅମଳରୁ ଏ ଯାବତ୍ ଜଣେ ସାଧାରଣ ନାଗରିକ ନିଜକୁ ସରକାରଙ୍କ ବଶୀଭୂତ ବୋଲି ଭାବି ଆସିଛି; ଏବଂ ଅନେକ ସ୍ଥଳେ ସେ ଦୟାର ପାତ୍ର ବୋଲି ମଧ୍ୟ ତାକୁ ବୁଝାଇ ଦିଆଯାଇଛି । ଏଭଳି ସ୍ଥଳେ ସଂବିଧାନ ଦ୍ୱାରା ପ୍ରଦତ ପ୍ରଭୁତ୍ୱର ଅବବୋଧ କେବଳ ପ୍ରହେଳିକା ମାତ୍ର । ଏକ ପରିସଂଖ୍ୟାନ ଅନୁସାରେ ୨୦୨୫ ମସିହାରେ ଦେଶର ଅଦାଲତଗୁଡ଼ିକରେ ପଡ଼ି ରହିଥିବା ମାମଲାଗୁଡ଼ିକ ମଧ୍ୟରୁ ୭ ଲକ୍ଷ ମାମଲାରେ ଏବଂ ସୁପ୍ରିମ କୋର୍ଟରେ ପଡ଼ିଥିବା ମାମଲାର ୭୩%ରେ ସାଧାରଣ ନାଗରିକଙ୍କ ବିରୋଧରେ ସରକାର ପକ୍ଷଭୁକ୍ତ; ଅର୍ଥାତ୍ ସରକାରଙ୍କ ଅମାପ କ୍ଷମତା ଦ୍ୱାରା ସଂବିଧାନ ପ୍ରଦତ ଅଧିକାର କ୍ଷୁଣ୍ଣ ହେବା ବା ଅନ୍ୟ କୌଣସି ଦାବରେ କ୍ଷତିଗ୍ରସ୍ତ ହେବା ଭଳି କାରଣରୁ ଏଭଳି ସ୍ଥିତି ଉତ୍ପନ୍ନ ହୋଇଛି । ଏହାର ଅର୍ଥ ସରକାର ଓ ସାଧାରଣ ନାଗରିକଙ୍କ ମଧ୍ୟରେ ଏକ ସନ୍ଦେହର ବାତାବରଣ ସୃଷ୍ଟିହେ(ବିଦେଶୀ ସରକାର ଅମଳକୁ ବିଦ୍ୟମାନ), ଯାହାର ପ୍ରମାଣ ସ୍ୱରୂପ ଦେଖିବାକୁ ମିଳୁଛି ଏକାଧିକ ପରିଚୟ ପତ୍ରର ଆବଶ୍ୟକତା, କାରୟାର କେ.ଷ୍ଟାଇ.ସି. ଦାଖଲ ଭଳି ପ୍ରକରଣର ବାଧବାଧକତା, 'ଏସ.ଆଇ.ଆର.' ପ୍ରସ୍ତୁତି ଇତ୍ୟାଦି । ଯଦିବି ଏହା ସତ ଯେ ଜାତୀୟ ସୁରକ୍ଷା ଦୃଷ୍ଟିରୁ ଅନୁପ୍ରବେଶକାରୀମାନ ଏବଂ ଅନ୍ତର୍ଘାତୀ କାର୍ଯ୍ୟରେ ଲିପ୍ତ ଲୋକମାନଙ୍କୁ ଚିହ୍ନଟ କରିବା ଲାଗି ଏଭଳି ବ୍ୟବସ୍ଥା ଆବଶ୍ୟକ ହୋଇଥାଏ; କିନ୍ତୁ ଏହା ମଧ୍ୟ ସତ ନୁହେଁ କି ଯେ ସରକାରୀ ଦୁର୍ନୀତି ହେତୁ 'ନକଲି' ନାଗରିକମାନେ 'ଅସଲି'ର ପରିବର୍ତ୍ତ ପତ୍ର ଦ୍ୱାରା ନାଗରିକତ୍ୱ ସନ୍ନିବିଧ୍ଟ କରି ପକାଇଛନ୍ତି ! ସୁତରାଂ, ଭୟ ଓ ସନ୍ଦେହର ଶରବ୍ୟ ଏବଂ ସରକାରଙ୍କ ସମ୍ମୁଖରେ ନବଜାତ୍ୟ ନାଗରିକଙ୍କ ସଜାଣେ ସଂବିଧାନ ପ୍ରଦତ 'ପ୍ରଭୁତା' ମୃଗତୃଷ୍ଣା ସଦୃଶ । ଅବଶ୍ୟ, କୌଣସି ନିର୍ଦ୍ଦିଷ୍ଟ ସରକାର ଏଥି ଲାଗି ଦାୟୀ ନୁହନ୍ତି; ସ୍ୱାଧୀନତା ପର ଠାରୁ ଶାସନ ବ୍ୟବସ୍ଥାରେ ନାଗରିକ ପ୍ରତି ସରକାରଙ୍କ ଏଭଳି ଆଭିମୁଖ୍ୟ ବୀଜ ଭଳି ପୋତା ହୋଇ ରହିଛି । ଆମ ସଂବିଧାନ ପ୍ରଣେତାଗଣ ସୁଶାସନ ସୁନିଶ୍ଚିତ କରିବା ସହାଶେ ତଢିରେ ଅନେକ ପ୍ରାବଧାନ କରିଛନ୍ତି । ତେବେ, କୌଣସି ନିର୍ଦ୍ଧାରିତ ସରକାର, ତା'ର କର୍ଯ୍ୟା ବଳ ହେତୁ, ଯେମିତି ନିରଙ୍କୁଶ ହୋଇ ନ ଯାଏ, ସେଥି ଲାଗି ଅନେକ ସାଂବିଧାନିକ ପଦ ଓ ଅନୁଷ୍ଠାନର ପରିକଳ୍ପନା କରି ନିୟନ୍ତ୍ରଣ ଓ ଭାରସାମ୍ୟ ରକ୍ଷାର ବ୍ୟବସ୍ଥା ମଧ୍ୟ କରିଛନ୍ତି । କିନ୍ତୁ, 'ଇମର୍ଜେନ୍ସି' ଭଳି ସଂବିଧାନକୁ ଲୁଲୁଣ୍ଠିତ କରିଥିବା ଭଳି ପଦକ୍ଷେପ ଠାରୁ ଯେନି ବିଭିନ୍ନ ରାଜ୍ୟରେ ନ୍ୟାୟାରିତ ସରକାରର ପତନ ଘଟାଇବା, ନିର୍ବାଚନ କମିଶନ, ଇ.ଡି., ସି.ବି.ଆଇ. ଭଳି ସ୍ୱାୟତ ଓ ସାଂବିଧାନିକ ଅନୁଷ୍ଠାନ ଏବଂ ରାଜ୍ୟପାଳ ଭଳି ଗରିମାମୟ ସାଂବିଧାନିକ ପଦକୁ ସ୍ୱାର୍ଥ ସାଧନର ଅଭିସନ୍ଧି ରଖି ପ୍ରୟୋଗ କରିବା ପର୍ଯ୍ୟନ୍ତ ଅନେକ ଅଙ୍ଗଂବିଧାନିକ କାର୍ଯ୍ୟକଳାପ ସ୍ୱାଧୀନତା ପରବର୍ତ୍ତୀ କାଳ ଠାରୁ ପ୍ରତ୍ୟେକ ସରକାରଙ୍କ ଅମଳରେ ଘଟି ଚାଲିଛି । ଆଜି ଆମ ରାଷ୍ଟ୍ର ଭାରତବର୍ଷ ଗୋଟିଏ ସାଧାରଣତନ୍ତ୍ର ରୂପେ ଅଶ୍ରୁତ୍ରିର ବର୍ଷ ଉତ୍ସବରେ ପଦାର୍ପଣ କରିଛି । ଭାରତ, ୧୯୫୦ ମସିହାର ଆଜିର ଦିନରେ ଆମ ଦେଶ ବିଧିବଦ୍ଧ ଭାବେ ଏକ ସ୍ୱ-ସର୍ଜିତ, ଦୁବରର୍ଣ୍ଣ, ବିବେଚନାପୂର୍ଣ୍ଣ ଓ ବିସ୍ତୃତ ବିଧାନ ଗ୍ରନ୍ଥ ଲାଭ କରିଥିଲା, ଯାହାକୁ ଆମ ଗଣତନ୍ତ୍ରର ଆତ୍ମା ବୋଲି ନିର୍ଦ୍ଦିଷ୍ଟରେ ସ୍ୱୀକାର କରାଯାଇଥାଏ । ତେବେ, କଥା ହେଲା, ସଂପ୍ରତି ଆମ ସଂବିଧାନ, ପୂର୍ବରୁ କବାଡିଦ୍ଦ ଦୃଶ୍ୟମାନ ହୋଇ ନ ଥିବା ଭଳି, ବାରମ୍ବାର ତର୍ଜାର ପରିଚୟକୁ ଆସିବାରେ ଲାଗିଛି, ଯଦିଚେ ଶାସକ ଦଳ ପକ୍ଷରୁ ୧୯୭୫ ମସିହାର 'ଇମର୍ଜେନ୍ସି'କୁ ଦର୍ଶାଇ ତତ୍କାଳୀନ କଂଗ୍ରେସ ସରକାର ଦ୍

'ହୀରାକୁଦ ଆନ୍ତର୍ଜାତୀୟ ହାଫ୍ ମାରାଥନ୍-୨୦୨୬'ର ଲୋଗୋ ଓ ଜର୍ସି ଉନ୍ମୋଚିତ

ହୀରାକୁଦକୁ ଅନ୍ତରାଷ୍ଟ୍ରୀୟ ମାନଚିତ୍ରରେ ନୂଆରୂପରେ ପରିଚିତ କରାଇବ : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୨୮/୧(ନି/ପ୍ର): ସମ୍ବଲପୁରର ବିଶ୍ୱପ୍ରସିଦ୍ଧ ହୀରାକୁଦକୁ ଅନ୍ତରାଷ୍ଟ୍ରୀୟ ପର୍ଯ୍ୟଟନ ମାନଚିତ୍ରରେ ଏକ ନୂଆ ପରିଚୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ଆସନ୍ତା ଫେବୃୟାରୀ ୧୫, ୨୦୨୬ରେ 'ହୀରାକୁଦ ଆନ୍ତର୍ଜାତୀୟ ହାଫ୍ ମାରାଥନ୍' ଆୟୋଜିତ ହେବାକୁ ଯାଉଛି । ଏହି କ୍ରମରେ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ମାରାଥନର ଆନୁଷ୍ଠାନିକ ଲୋଗୋ ଏବଂ ଜର୍ସି ଉନ୍ମୋଚନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଏହି ମାରାଥନ କେବଳ ଏକ ଦୌଡ଼ ନୁହେଁ, ବରଂ ଏହା ହୀରାକୁଦକୁ ବିଶ୍ୱ ବରବାରରେ ପହଞ୍ଚାଇବା ପାଇଁ ଏକ ମାଧ୍ୟମ । ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ଦ୍ୱାରା ଏହି ମାରାଥନ ଆୟୋଜିତ ହେଉଥିବା ବେଳେ ଓଡ଼ିଶା ସରକାର ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି । ସମ୍ବଲପୁରର ପର୍ଯ୍ୟଟନ କ୍ଷେତ୍ରକୁ ଗତିଶୀଳ କରିବା ସହ 'ସୁସ୍ଥ ସମ୍ବଲପୁର ଓ ସୁସ୍ଥ ଓଡ଼ିଶା' ଗଠନ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଗଣଦୌଡ଼ର ଲକ୍ଷ୍ୟ ରହିଛି । କେନ୍ଦ୍ରମନ୍ତ୍ରୀ ଏହି ଅବସରରେ ସବୁ ବର୍ଗର ନାଗରିକଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ପଞ୍ଜିକରଣ କରିବାକୁ ଆହ୍ୱାନ ଦେଇଛନ୍ତି । ହୀରାକୁଦର ପର୍ଯ୍ୟଟନ ବଢ଼ାଇବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ଶ୍ରୀ ସୂରଜ ସୂର୍ଯ୍ୟବଂଶୀ ପ୍ରମୁଖ ଉପସ୍ଥିତ ଥିଲେ ।

ଭୀମଭୋଇ ଲୋକ ମହୋତ୍ସବରେ ଆଲୋଚନାଚକ୍ର

ସମ୍ବଲପୁର,୨୮/୧(ନି/ପ୍ର): ସମ୍ବଲପୁର ଜିଲ୍ଲା ରେଡ଼ାଖୋଲ ଠାରେ ଆୟୋଜିତ ଭୀମଭୋଇ ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନାଳଟିବେଢଲ ମହାବିଦ୍ୟାଳୟ ଠାରେ ରେଡ଼ାଖୋଲ ଉପଖଣ୍ଡର ଲୋକ କଳା ସଂସ୍କୃତିର ସ୍ଥିତି ଓ ସନ୍ଥ କବି 'ଭୀମଭୋଇଙ୍କ ପ୍ରଭାବ' ଶୀର୍ଷକ ଆଲୋଚନା ଚକ୍ର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାକ୍ତନ ସଂଚାୟତ ସମିତି ଅଧ୍ୟକ୍ଷ ସୁଦର୍ଶନ ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ନାଳଟିବେଢଲ ସରସଂଘ ସମ୍ମାନିତ ଅତିଥି ଏବଂ ବାଟଗାଁ ର ବାବା ଟଙ୍କଧର ପ୍ରଧାନ ଓ ଚନ୍ଦ୍ରପୁର ମହିମା ଆଶ୍ରମର ସାଧୁ କୃଷ୍ଣଚନ୍ଦ୍ର ତ୍ୟାଗୀ ସମ୍ମାନିତ ବକ୍ତା ଭାବରେ ଯୋଗ ଦେଇଥିଲେ । ଅତିଥି ବୃନ୍ଦ ରେଡ଼ାଖୋଲ ଉପଖଣ୍ଡ ରେ ଲୋକକଳା ଓ ଲୋକ ସଂସ୍କୃତି ର ଧାରା, ଧାର୍ମିକ ଜାଗରଣ ଓ ଜନଜୀବନ ରେ ଭୀମଭୋଇଙ୍କ ନୀତି ଆଦର୍ଶ ଏବଂ ଜଣାଶୁଣା ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ସୁଜଳିତ କଣ୍ଠରେ ସନ୍ଥ କବିଙ୍କ ଭଜନ ଗାନ କରିଥିଲେ । ଡ଼. ସୁଷ୍ମାଞ୍ଜଳି ରଚନା 'ଲୋକନାଟକ କ୍ରମରେ ବଣ୍ଟ ର ମହତ୍ୱ, ଅଧ୍ୟାପକ ବେବେଶ କୁମାର ବିଶ୍ୱାଳ ନାଳଟିବେଢଲ ଅଂଚଳର ପଥର କଳା ଓ ଚିତ୍ର, ଅଧ୍ୟାପକ ସରୋଜ କୁମାର ଭୋଇ 'ଭୀମ ଭୋଇଙ୍କ ଜନ୍ମ ଏବଂ ସୃଷ୍ଟି, ଡ଼. ରାଜେନ୍ଦ୍ର କୁମାର ପଣ୍ଡା 'ଯୁଗ ଜ୍ୟୋତି ଭୀମ ଭୋଇ' ଓ ଜିତେନ୍ଦ୍ର ପଣ୍ଡା 'ଭୀମ ମଣ୍ଡଳୀ ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ ସହିତ ଆଲୋଚନା କରିଥିଲେ । ନାଳଟିବେଢଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ ପ୍ରାରମ୍ଭିକ ସୂଚନା ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଶେଷ ଦେବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

୩ ପଚାଂୟତରେ ରାଜନେତାଙ୍କୁ ବିରୋଧର ଘୋଷଣା

ସମ୍ବଲପୁର,୨୮/୧(ନି/ପ୍ର): ଚାଷୀ ସଙ୍ଗଠନର କଡ଼ା ଚେତାବନୀ । ଟୋକନ ସମସ୍ୟାକୁ ନେଇ ଚାଷୀ ଅସନ୍ତୋଷ ଆହୁରି ଉଗ୍ର ରୂପ ନେଇଛି । ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ପରମାଣପୁର, ତବଲା ଏବଂ ସୁୟୁମୁରା ବ୍ଲକର କୁଲୁଡ଼ାପାଲିରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଧାୟକ, ସରକାରୀ ଏବଂ ବିରୋଧୀ ଦଳର ନେତା ଅତିଥି ହୋଇ ଆସିଲେ ସେମାନଙ୍କୁ ବିରୋଧ କରିବେ ବୋଲି ଘୋଷଣା କରିଛି ବୀର ବଳରାଜବଳି କୃଷକ ସୁରକ୍ଷା ସଙ୍ଗଠନ । ଏ ସଂଗ୍ରାନ୍ତରେ ସଙ୍ଗଠନ ପକ୍ଷରୁ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି । ସଙ୍ଗଠନ କହିଛି, ବିଳମ୍ବିତ ମଣ୍ଡି ଯୋଗୁଁ ସମସ୍ୟାରେ ଥିଲା ଚାଷୀ । ମଣ୍ଡି ଖୋଲିବା ପରେ ମଧ୍ୟ ନିଷ୍ପାର ମିଳିଲା ନାହିଁ । ଟୋକନ ଦେବାରେ ଆସିଲା । ସେଥିରେ ପୁଣି ପଞ୍ଜୀକୃତ ଜମି ଅନୁଯାୟୀ ଟୋକନ ଆସୁ ନାହିଁ । ଏହାକୁ ନେଇ ବାରମ୍ବାର ଚାଷୀମାନେ ବାବି ଲଢେ ମଧ୍ୟ କେହି ଶୁଣୁ ନଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ଯେଉଁଭଳି ସ୍ଥିତି ରହିଛି ରାଜନୈତିକ ଦଳର ମନ୍ତ୍ରୀମାନେ ଚାଷୀ ଆହ୍ୱାନର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହୋଇ ଯାଆନ୍ତୁ । ସୂଚନା ଅନୁଯାୟୀ, ଆଗାମୀ ଦିନରେ ପରମାଣପୁରରେ ଧନୁଯାତ୍ରା ସମେତ ବିଭିନ୍ନ ପ୍ରକାର ଧାର୍ମିକ, ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ଏଥିରେ ରାଜନେତାମାନେ ଅତିଥି ନ ହେବା ପାଇଁ ସ୍ଥାନୀୟ ଚାଷୀମାନେ କହିଛନ୍ତି । ୩ ପଚାଂୟତର ଚାଷୀଙ୍କୁ ନେଇ ଆୟୋଜିତ ବୈଠକରେ କୟ ନାରାୟଣ ପୃଷ୍ଠେ, ରଞ୍ଜନ ନାୟକ, ସୁଭୂତ ପ୍ରଧାନ, ଶାନ୍ତନୁ ପ୍ରଧାନ, ବିପିନ ବିହାରୀ ଭୋଲ, ଜଗଦାନନ୍ଦ ନାୟକ, ଭୋଳା ବଳପତ, ବ୍ରହ୍ମ ଶଙ୍କର ପାତ୍ର, ପ୍ରଣାନ୍ତ ନାୟକ, ବଂଶୀଧର ପ୍ରଧାନ, ଜିଗ୍ନେସ ବାରିକ୍, ପଣ୍ଡୁ ଅଗ୍ରୱାଲ, ବାବୁଲା ବାରିକ, କ୍ଷମାସିଲ ମେହେର, ମାଟୁମେହେର, ସନତ ବାବୁ, ଶ୍ରୀକାନ୍ତ ପ୍ରଧାନ, ବେବେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ୭୭ତମ ଗଣତନ୍ତ୍ର ଦିବସ ପାଳିତ

ସମ୍ବଲପୁର,୨୮/୧(ନି/ପ୍ର): ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ପକ୍ଷରୁ ସମ୍ବଲପୁର ସ୍ଥିତ ରେଳ ଷ୍ଟାଡିୟମରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ , ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁଭାଷ ଚନ୍ଦ୍ର ଚୌଧୁରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ରେଳ ସୁରକ୍ଷା ବାହିନୀ ଜଂଟିଙ୍ଗେଟ, ଏନସିସି , ଭାରତ ସ୍କାଉଟ୍ ଏବଂ ଗାଇଡ୍ଙ୍କଠାରୁ ଆନୁଷ୍ଠାନିକ ଅଭିବାଦନ ଗ୍ରହଣ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ଚୌଧୁରୀ କହିଥିଲେ ଯେ ସମ୍ବଲପୁର ମଣ୍ଡଳ ଉତମ ଯାତ୍ରୀ ସୁବିଧା ସହିତ ନିରାପଦ ଏବଂ ଦକ୍ଷ ଟ୍ରେନ୍ ସେବା ପ୍ରଦାନ କରିବା ପାଇଁକଠିନ ପରିଶ୍ରମ କରୁଛି ଏବଂ ସେ ସମ୍ବଲପୁର ମଣ୍ଡଳର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଆଲୋକପାତ କରିଥିଲେ । ଅର୍ଥାତ୍ ଏପ୍ରିଲ ୨୦୨୫ ରୁ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ମଣ୍ଡଳର ଆୟ ୨୩୯୮.୦୩ କୋଟି ଟଙ୍କା ହୋଇଛି, ଯାହା ପୂର୍ବ ବର୍ଷର ସମାନ ସମୟ ତୁଳନାରେ ୪.୨୫% ଅଧିକ । ଏପ୍ରିଲ ୨୦୨୫ ରୁ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ୧୮.୧୭ ନିୟୁତ ଟନ୍ ମାଲ ପରିବହନ ହାସଲ କରାଯାଇଛି, ଯାହା ଗତ ବର୍ଷର ସମାନ ସମୟ ତୁଳନାରେ ୯.୩୯% ଅଧିକ । ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ, ଉନ୍ନତ ସୁରକ୍ଷା ଏବଂ ସୁବିଧା ପାଇଁ ବରପାଲି ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ସେ ପୁଣି କହିଥିଲେ ଯେ, ନିରାପତା ହେଉଛି ରେଳବାଇ ପାଇଁ ସର୍ବୋଚ୍ଚ ପ୍ରାଥମିକତା । ଏହି କ୍ଷେତ୍ରରେ ଆମେ ଅନେକ ପଦକ୍ଷେପ ନେଇଛୁ ଯାହା ଫଳରେ ସୁରକ୍ଷା ସ୍ତର ଯଥେଷ୍ଟ ଉନ୍ନତ ହୋଇଛି । ଯାତ୍ରୀ ସୁବିଧା ନିରନ୍ତର ଭାବରେ ଏକ ପ୍ରମୁଖ ପ୍ରାଥମିକତା ରହିଛି । ଭାରତ ସରକାରଙ୍କ 'ଯୁଗମ୍ୟ ଭାରତ ମିଶନ'ର ଅଂଶ ଭାବରେ ସମ୍ବଲପୁର ମଣ୍ଡଳର ୧୪ଟି ଷ୍ଟେସନ ଏପର୍ଯ୍ୟନ୍ତ ୧୦୦% ଦିବ୍ୟାଙ୍ଗ ଅନୁଯାୟୀକରଣ ସୁନିଶ୍ଚିତ କରିଛି । ୦୭ଟି ଷ୍ଟେସନରେ ଅତିରିକ୍ତ ପ୍ଲାଟଫର୍ମ ସେଡ୍ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି । ଏହା ସହିତ ମଣ୍ଡଳର ବିଭିନ୍ନ ଷ୍ଟେସନରେ ୩୦ଟି ଅତିରିକ୍ତ ବେଂଚ ଯୋଗାଇ ଦିଆଯାଇଛି । ସମ୍ବୋଧନ ସମୟରେ ସେ ରେଳ କର୍ମଚାରୀମାନଙ୍କୁ ଉଚ୍ଚ ସଫଳତା ହାସଲ କରିବା ପାଇଁ ପ୍ରତ୍ୟେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ଦକ୍ଷତା, କଠିନ ପରିଶ୍ରମ ଏବଂ ନିଷ୍ଠାର ସହିତ କାର ୨୫% କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧକ୍ଷୀ ବିନୁ ଚୌଧୁରୀ ରେଳ ଅଧିକାରୀ ଏବଂ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ପୋନ୍ନା ଲେଙ୍କଟେଶ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

ମାର୍ଶାଘାଇରେ ମିଳିତ ଜନ ଶୁଣାଣୀ ଶିବିର

କେନ୍ଦ୍ରାପଡ଼ା, ୨୮/୧(ନି/ପ୍ର): ମାର୍ଶାଘାଇ ବ୍ଲକ ଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଶିବିରରେ ମୋଟ ୫୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ସେଥିମଧ୍ୟରୁ ୫୦ଟି ବ୍ୟକ୍ତିଗତ ଏବଂ ୮ଟି ସାମୁହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଜଣଙ୍କୁ ୨୮ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ୫ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା । ପଞ୍ଜିକୃତ ଅଭିଯୋଗଗୁଡ଼ିକରେ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରେ ଜିଲ୍ଲାପାଳ ପୂର୍ବରୁ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ

ଝାରସୁଗୁଡ଼ାରେ ଜାତୀୟ ଶିଶୁକନ୍ୟା ଦିବସ ପାଳିତ

ଝାରସୁଗୁଡ଼ା, ୨୮/୧(ନି/ପ୍ର): ଜାତୀୟ ଶିଶୁକନ୍ୟା ଦିବସ ପାଳନ ଅବସରରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ସମାଜ ମଙ୍ଗଳ ବିଭାଗ ଏବଂ ଜିଲ୍ଲା ନାରୀ ସଶକ୍ତିକରଣ କେନ୍ଦ୍ର ପକ୍ଷରୁ ଏକ ବିଶାଳ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । କନ୍ୟା ସନ୍ତାନମାନଙ୍କ ସୁରକ୍ଷା, ଶିକ୍ଷା ଏବଂ ସମାଜରେ ସେମାନଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଭୂଷାଣ ମୋତିରାମ ଚହ୍ୱାଣ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରା ସହରର ବେହେରାମାଳ କିସାନ ଛକଠାରୁ ବାହାରି ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ଯେଉଁଥିରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ଏହି ସଚେତନତା ଶୋଭାଯାତ୍ରାରେ 'ବେଟି ବଚାଓ-ବେଟି ପଢ଼ାଓ' ଏବଂ 'ବାଲ୍ୟ ବିବାହ ମୁକ୍ତ ସମାଜ' ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନ୍ୱୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ଏବଂ ଉପ-ଜିଲ୍ଲାପାଳ ସତ୍ୟବାଦୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶିଶୁକନ୍ୟାମାନଙ୍କ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ବିଭିନ୍ନ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲା ହରବ କର୍ମଚର୍ଚ୍ଚାମାନେ ପଦଯାତ୍ରାରେ ସାମିଲ ହୋଇ ଶୃଙ୍ଖଳା ରକ୍ଷା କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ପଦଯାତ୍ରାରେ ବିଶେଷ କରି ବେହେରାମାଳ ଆଶ୍ରମ ସ୍କୁଲର ଶିକ୍ଷୟତ୍ରୀ ଓ ୫୦ରୁ ଅଧିକ ଛାତ୍ରୀଙ୍କ ସମେତ ଅଙ୍ଗନବାଡ଼ି କର୍ମୀ, ଓସବିସି, ଏସଏଏଚଡବିଏ, ମହିଳା ସହାୟତା କେନ୍ଦ୍ର ଏବଂ ଚାଇଲ୍ଡ ହେଲ୍ପଲାଇନର କର୍ମଚର୍ଚ୍ଚାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ସମାଜରେ କନ୍ୟା ସନ୍ତାନମାନଙ୍କ ପ୍ରତି ଥିବା ନକାରାତ୍ମକ ମନୋଭାବ ଦୂର କରିବା ଏବଂ ସେମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ପାଇଁ ଏହି ଶୋଭାଯାତ୍ରା ଏକ ଶକ୍ତିଶାଳୀ ବାର୍ତ୍ତା ପ୍ରଦାନ କରିଛି । ଶେଷରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଏକ ସଂକଳ୍ପ ପାଠ କରାଯାଇ ଆଗାମୀ ଦିନରେ ଝାରସୁଗୁଡ଼ା ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ ତଥା କନ୍ୟା ସନ୍ତାନଙ୍କ ପାଇଁ ସୁରକ୍ଷିତ କରିବାକୁ ପ୍ରତିଶ୍ରୁତି ବଦ୍ଧତା ପ୍ରକାଶ ପାଇଥିଲା ।

ନରେନ୍ଦ୍ର ମହାପାତ୍ର ସ୍ମୃତି ମେଧା ପୁରସ୍କାର: ୧୫ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କଲା ନୂଆ ପ୍ରୟାସ

ସୋର,୨୮/୧(ନି/ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ନୂଆ ପ୍ରୟାସ ପକ୍ଷରୁ ୧୫ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଛି 'ନରେନ୍ଦ୍ର ମହାପାତ୍ର ସ୍ମୃତି ମେଧା ପ୍ରତିଭା ପୁରସ୍କାର- ୨୦୨୬' । ପାହାଡ଼ି ଲଲାଜାରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଘରେ ଘରେ ଶିକ୍ଷା ମାଧ୍ୟମରେ ସଂସ୍କାର ଆଣିବାକୁ ସଙ୍କଳ୍ପ ନେଇ ପ୍ରତିବର୍ଷ ଶୈକ୍ଷିକ ସଚେତନତା ସୃଷ୍ଟିକାରୀ କାର୍ଯ୍ୟକ୍ରମ କରୁଥିବା ନୂଆ ପ୍ରୟାସ ପକ୍ଷରେ ମାଆ ବାଗବେଦୀଙ୍କ ଆଗରେ ଚଳିତ ବର୍ଷର ନିମ୍ନ ପ୍ରତିଭାଙ୍କୁ ପୁରସ୍କୃତ କରିଛି । ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା ୧୫ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ 'ନରେନ୍ଦ୍ର ମହାପାତ୍ର ସ୍ମୃତି ମେଧା ପ୍ରତିଭା ପୁରସ୍କାର' ବିତରଣ କରାଯାଇଛି । ପଟମଗୁ ଦଶମ ଯାଏଁ, ଶ୍ରେଣୀର ସର୍ବୋତ୍ତମ ନମ୍ବର ରଖିଥିବା ପିଲାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଯେଉଁଥିରେ

ଶିଳାଖୁଣ୍ଟା ପଟମଗରର ୧୩ଟି ସ୍କୁଲ ଏବଂ ଗୋପିନାଥପୁର ପଟମଗରର ୨ଟି ହାଇସ୍କୁଲ ସାମିଲ ଅଛନ୍ତି । ଜୁନି ଜୁନି ପ୍ରତିଭାଙ୍କୁ ନିଜ ପରିଶ୍ରମର ଫଳ ପାଇଁ ପ୍ରଶଂସା ଫଳକ, ପ୍ରଶଂସା ପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଛି । ତେବେ ସମ୍ବର୍ଦ୍ଧିତ ପ୍ରତିଭା ମାନେ ହେଲେ- ଅମିତ ବେହେରା, ଶୁଭମ ବେହେରା, ନମିତା ଫି, ଶିବୁ ଫି, ପ୍ରତିମା ବାରିକ, ଗୋହନ କୁମାର ବେହେରା, ସିପୁନ ଫି, ମାମା ଦେଉରୀ, ଜନିଷ୍କା ଦାସ, ମୃତ୍ୟୁଞ୍ଜୟ ବାରିକ, ଦୀପାଞ୍ଜଳି ବେହେରା, ବବିସ୍ମିତା ମଳିକ, ସୁରେଶ ଫି, ଲଡ଼ିଶ୍ରୀ ଫି, ଭଲଦ୍ୱାଜ ଫି । ବନଶ୍ରୀ ପାଠାଗାର ଏବଂ ନୂଆ ପ୍ରୟାସ ଆନୁକୂଲ୍ୟରେ ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବରେ ସଭାପତି ଭାବେ ସଭାକାର୍ଯ୍ୟ ତୁଲାଇଥିଲେ ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ପାଣିଗ୍ରାହୀ । ମୁଖ୍ୟ ଅତିଥି ଭାବେ ସମାଜସେବୀ ଦୁର୍ଗାଶ୍ରୀ ମହାନ୍ତି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଦୁର୍ଗାମାଧବ ପାଣିଗ୍ରାହୀ ଯୋଗଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ଅଜୟ ମହାପାତ୍ର ଏବଂ ମୁରଲୀଧର ପାଢ଼ା ସାମିଲ ଥିଲେ । ଲକ୍ଷ୍ମୀଧର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୂଆ ପ୍ରୟାସର ସଭାପତି ଜ୍ୟୋତି ରଞ୍ଜନ କେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ ପରେ ଧନ୍ୟବାଦ ଦେଇଥିଲେ ଶିକ୍ଷକ ବିଜୟ ବାରିକ । ମାଟ୍ରିକ ପରେ ପଢାରେ ଦୋଳି ବାଣ୍ଟୁଥିବା ଗରିବ ଅସହାୟ ମେଧାବୀ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବାକୁ ଯୁବ ଉଦ୍ୟୋଗୀ ରଞ୍ଜନ ସାମଲ ଇନଭାଇଟ ଇନସପାୟାର ସୁଲାରସିପ୍ ଘୋଷଣା କରିଥିଲେ । ଦଶମରେ ଅଧିକ ମାର୍କ ରଖିଥିବା ଜେଲିସ ଚନ୍ଦ୍ର ହାଇସ୍କୁଲର ମୃତ୍ୟୁଞ୍ଜୟ ବାରିକ ଏହି ବୃତ୍ତିପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଆଗାମୀ ୨ ବର୍ଷ ପାଇଁ ତାଙ୍କୁ ମାସିକ ହଜାରେ ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ଏହି ଅବସରରେ ଶ୍ରୀଷ୍ମଦିନରେ ପଶୁପକ୍ଷୀ ଏବ

ପଶ୍ଚିମ ଓଡ଼ିଶା ହେଉଛି ରାଜ୍ୟର ଅଭିବୃଦ୍ଧିର ମୁଖ୍ୟ ଇଞ୍ଜିନ : ମୁଖ୍ୟମନ୍ତ୍ରୀ

ରାଉରକେଲା, ୨୮/୧(ନି/ପ୍ର) : ରାଉରକେଲାରେ ଏଟଂରପ୍ରାଇଜ୍ ଓଡ଼ିଶା ୨୦୨୬ର ୨୫ତମ ସଂସ୍କରଣର ଉଦଘାଟନୀ ଅଧିବେଶନରେ ଉପବୋଧନ ଦେଇ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପଶ୍ଚିମ ଓଡ଼ିଶା ଆଉ ବିକାଶର 'ପରବର୍ତ୍ତୀ ସୀମା' ନୁହେଁ, ବରଂ ଓଡ଼ିଶାର ଅଭିବୃଦ୍ଧିର ଏକ ମୁଖ୍ୟ ଇଞ୍ଜିନ । ମାନ୍ୟବର ମୁଖ୍ୟମନ୍ତ୍ରୀ ଏଟଂରପ୍ରାଇଜ୍ ଓଡ଼ିଶା ୨୦୨୬ର ଗୌପ୍ୟ ଜୟନ୍ତୀ ସଂସ୍କରଣର ଉଦଘାଟନ କରିଥିଲେ ଏବଂ ପଶ୍ଚିମ ଓଡ଼ିଶାର ଅନେକ ଶିଳ୍ପ ପ୍ରକଳ୍ପକୁ ଦେଶ ଉତ୍ସର୍ଗୀକୃତ କରିଥିଲେ । ଏହି ଅବସରରେ, ୮,୮୮୪ କୋଟି ଟଙ୍କାର ପ୍ରକଳ୍ପ ଉଦ୍ଘାଟନ ଏବଂ ଭିତ୍ତିସ୍ତର ସ୍ଥାପନ କରାଯାଇଥିଲା, ଯାହା ଦ୍ୱାରା ୬,୮୩୨ ନିଯୁକ୍ତି ସୃଷ୍ଟି ହୋଇଥିଲା । ୫୨,୦୨୬ କୋଟି ଟଙ୍କାର ବୁଝାମଣାପତ୍ର ଏବଂ ନିବେଶ ଉତ୍ସବେଶ ହାସଲ କରାଯାଇଥିଲା, ଯାହା ଦ୍ୱାରା ୨୦,୪୨୭ ନିଯୁକ୍ତି ସୃଷ୍ଟି ହୋଇଥିଲା । ଏହା ଅଟଳର ଶିଳ୍ପ ଗତିକୁ ଏକ ପ୍ରମୁଖ ପ୍ରୋତ୍ସାହନ ପ୍ରଦାନ କରିବ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ; ରଘୁନାଥପାଲିର ବିଧାୟକ ଶ୍ରୀ ଦୁର୍ଗା ଚରଣ ଚଣ୍ଡା; ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ହେମନ୍ତ ଶର୍ମା ଓଇଏସ; ଅଧକ୍ଷ, ଉଓଡ଼; ବିଶିଷ୍ଟ ଶିଳ୍ପପତି ଏବଂ ନିବେଶକ; ଭାରତୀୟ ଶିଳ୍ପ ମହାସଂଘ (ଉଓଡ଼)ର ପ୍ରତିନିଧି; ନୀତି ନିର୍ଦ୍ଧାରକ; ଗଣ୍ଡଗର ଉଦ୍ୟୋଗୀ; ଷ୍ଟାର୍ଟଅପ୍ ପ୍ରତିଷ୍ଠାତା; ମହିଳା ଉଦ୍ୟୋଗୀ; ଏବଂ ବରିଷ୍ଠ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ । ଟାଟା ଷ୍ଟିଲ୍, ଗରୁଖ, ଝିଟକ, ବେଦାନ୍ତ, ଡାଲମିଆ ସିମେଣ୍ଟ ଝଲଖଣ୍ଡ, ଗଣ୍ଡଗର ଏବଂ ରାଉରକେଲା ଚାମ୍ବର ଅଫ୍ କମର୍ସ ଭଳି ପ୍ରମୁଖ କମ୍ପାନୀଗୁଡ଼ିକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶ ଯାତ୍ରାରେ ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତକୁ ଦେଖିବା ପାଇଁ ୫୦୦ ରୁ ଅଧିକ ଲୋକ ଏକତ୍ରିତ ହୋଇଥିଲେ । ସମାବେଶକୁ ସମ୍ବୋଧିତ କରି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ, 'ଏଟଂରପ୍ରାଇଜ୍ ଓଡ଼ିଶାର ଗୌପ୍ୟ ଜୟନ୍ତୀ ସଂସ୍କରଣ ଆମ ପାଇଁ ଚିନ୍ତା କରିବାର ଏକ ନୂତନ ଉପାୟ, ଏକ ମାନସିକତା ଯେଉଁଠାରେ ଆମେ ପ୍ରତ୍ୟେକ କ୍ଷେତ୍ରରେ ଶ୍ରେଷ୍ଠ ହେବାକୁ ଆକାଂକ୍ଷା କରୁ । ଆମେ ଶ୍ରେଷ୍ଠ ହେବୁ, ଏବଂ ଆମେ ଶ୍ରେଷ୍ଠଙ୍କ ସହିତ ପ୍ରତିଯୋଗିତା କରିବୁ । ଏହି ଆତ୍ମବିଶ୍ୱାସ ସହିତ ଆମେ ଆଗକୁ ବଢୁଛୁ ।' ଚଳିତ ବର୍ଷର କାର୍ଯ୍ୟକ୍ରମର ବିଷୟବସ୍ତୁ ସମ୍ପର୍କରେ ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ, 'ଏହି ବର୍ଷର କାର୍ଯ୍ୟକ୍ରମର ବିଷୟବସ୍ତୁ ହେଉଛି 'ଓଡ଼ିଶା : ରହିବା, କାମ କରିବା ଏବଂ ବ୍ୟବସାୟ କରିବା ପାଇଁ ସର୍ବୋତ୍ତମ ସ୍ଥାନ । । ଆମର ରଣନୀତି ସ୍ପଷ୍ଟ : ପ୍ରତ୍ୟେକ ଅଟଳରେ କିଛି ଆଙ୍କର ଶିଳ୍ପ ପ୍ରତିଷ୍ଠା କରିବା ଏବଂ ସେମାନଙ୍କ ଚାରିପାଖରେ ଶହ ଶହ ଗଣ୍ଡଗର ଗୁଡ଼ିକୁ ଯୋଗାଣକାରୀ, ବିକ୍ରେତା, ଲଜିଷ୍ଟିକ୍ସ ପାର୍ଟନର, ଫେଡ୍ରିକେଟର, ରକ୍ଷଣାବେକ୍ଷଣ ପ୍ରଦାନକାରୀ, ଟ୍ୟାଙ୍କେଜି ୟୁନିଟ୍ ଏବଂ ପ୍ରଯୁକ୍ତିବିଦ୍ୟା ପାର୍ଟନର ଭାବରେ ପ୍ରତିପାଳନ କରିବା । ଏହା ସୁନିଶ୍ଚିତ କରିବ ଯେ ଆମର ଯୁବପିଢ଼ିଙ୍କୁ ଆଉ ଚାକିରି ପାଇଁ ବେଶାନ୍ତର କରିବାକୁ ପଡ଼ିବ ନାହିଁ; ସୁଯୋଗ ସେମାନଙ୍କ ଦ୍ୱାରଦେଶରେ ଆସିବ ।' ଏହି କାର୍ଯ୍ୟକ୍ରମରେ, ୫,୭୦୮.୦୦ କୋଟି ନିବେଶ ସହିତ ୧୧ଟି ଶିଳ୍ପ ପ୍ରକଳ୍ପ ଉଦ୍ଘାଟନ କରାଯାଇଥିଲା, ଯାହା ୪,୧୮୩ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିଥିଲା । ଏହା ପରେ ୩,୧୭୬.୦୦ କୋଟି ମୂଲ୍ୟର ୯ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା, ଯାହା ୨,୬୪୯ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିଥିଲା । ରାଉରକେଲା ଗସ୍ତ ସମୟରେ, ମାନ୍ୟବର ମୁଖ୍ୟମନ୍ତ୍ରୀ ରାଉରକେଲା ଚାମ୍ବର ଅଫ୍ କମର୍ସ, ଓଡ଼ିଶା ଷ୍ଟକ୍ ଆଇଜନ୍ ମାନୁଫାକ୍ଚରିଂ ଆସୋସିଏସନ୍ (ଡବ୍ଲଓଗଇ) ସହିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ଗୋଲଟେବୁଲ ଆଲୋଚନାରେ ମଧ୍ୟ ଅଂଶଗ୍ରହଣ କରିଥିଲେ ଏବଂ ରାଚି ଏବଂ ଝାଲପୁରର ପ୍ରତିନିଧିମଣ୍ଡଳ ସହିତ ଏକ ବିଶେଷ ଆଲୋଚନା କରିଥିଲେ ।

ଟ୍ରାକ୍ଟରକୁ ଧକ୍କା ଦେଲା ଟ୍ରେଲର, ଚାଳକ ମୃତ

ସୁନ୍ଦରଗଡ଼,୨୮/୧(ନି/ପ୍ର): ଆଜି ସକାଳେ ବିଜୁ ଏକ୍ସପ୍ରେସ ୱେ ରସରାଜପୁର ମୁଣ୍ଡାଗାଁ ଛକ ମୋଡ଼ରେ ଏକ ଟ୍ରାକ୍ଟରକୁ ପାଖଁଶ ବୋଝେଇ ଟ୍ରେଲର ଧକ୍କା ଦେଇଥିଲା । ଏଥିରେ ଟ୍ରାକ୍ଟର ଚାଳକଙ୍କ ଶୋଚନୀୟ ମୃତ୍ୟୁ ହୋଇଛି । ମୃତକ ହେଲେ ରସରାଜପୁରର ବିଶ୍ୱଜିତ ଲାହ୍ରା (୩୩) ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ, ଟ୍ରାକ୍ଟରର ବଡ଼ ଚକ ଟେପା ହୋଇଯାଇଛି । ବିଶ୍ୱଜିତ ନିଜ ଗାଁରୁ ଧାନ ନେଇ ଭୂମିବାହାଳ ରାଇସ୍ ମିଲ୍‌ରେ ଛାଡ଼ି ଫେରୁଥିଲେ । ଜରଙ୍ଗଲୋଇ ଆଗ ଛକ ମୁଣ୍ଡାଗାଁ ମୋଡ଼ରେ ଝାରସୁଗୁଡ଼ା ପଟୁ ଦ୍ରୁତଗତିରେ ଆସୁଥିବା ଏକ ପାଖଁଶ ବୋଝେଇ ଟ୍ରେଲର ଜୋରରେ ଧକ୍କା ଦେଇଥିଲା । ଟ୍ରାକ୍ଟର ଟେପା ହୋଇ ଯାଇଥିବାବେଳେ ଚାଳକ ବିଶ୍ୱଜିତ ଘଟଣାସ୍ଥଳରେ ପ୍ରାଣ ହରାଇଲେ । ଦୁର୍ଘଟଣା ପରେ ଟ୍ରେଲର ଚାଳକ ଫେରାର ହୋଇ ଯାଇଥିବା ସୂଚନା ମିଳିଛି । ଖବର ପାଇ ବଡ଼ଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି ।

ଲୁଟ୍ ଉଦ୍ୟମ ମାମଲାରେ ୩ ଗିରଫ

ଜୟପୁର, ୨୮/୧(ନି/ପ୍ର): ଜୟପୁର ଜୟନଗର ଠାରୁ ଫିସରି ଅଫିସ ଦେଇ ନୂଆସାହି ରାସ୍ତାକୁ ବାହାରିବା ରାସ୍ତାରେ ଗତ ୨୪ ତାରିଖରେ ଲୁଟ କରୁଥିବା ଉଦ୍ୟମରେ ଆଜି ଜୟପୁର ଗଡନ ପୁଲିସ ୩ଜଣଙ୍କୁ ଗିରଫ କରି ଜୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ୩ଜଣ ହେଲେ ବଣମଜପୁର ବୁଲ ଗିରଲିଗୁଣ୍ଡା ଗ୍ରାମର ସାମୁଏଲ ହିଆଲ(୨୨), ଖ୍ରୀଷ୍ଟିଆନ ପେଟା ଅଂଚଳର ମନୋଜ ନାୟକ(୧୯), ଖ୍ରୀଷ୍ଟିଆନ ପେଟା ନବୀନ କଲୋନିର ଜୟ କୁମାର୍ ଘେଲା(୧୮) । ପୁଲିସ ସୂଚନା ଅନୁଯାୟୀ ବଢୁଲା ସାହୁ ନାମକ ଜଣେ ବ୍ୟକ୍ତି ଜୟନଗରଠାରୁ ଜୟପୁର ସହରକୁ ଆସୁଥିବା ସମୟରେ ଫିସରି ବନ୍ଧ ନିକଟରେ କିଛି ଯୁବକ ଗାଡିକୁ ଅଟକାଇ ଫୋନ ମାଗିଥିଲେ । ବାବୁଲା ମନା କରିବାରୁ ସେମାନେ ନିଜ ସମ୍ପର୍କୀୟଙ୍କୁ ଫୋନ କରିକୁ ବୋଲି କହି ଛୁରି ଦେଖାଇ ଫୋନ ମାଗିଥିଲେ । ଏନେଇ ଗଡନଥାନାରେ ବାବୁଲା ଅଭିଯୋଗ ଦେବା ପରେ ଗଡନପୁଲିସ ମାମଲା ରୁଜୁ ଘଟଣାର ତଦନ୍ତ ଆରମ୍ଭ କରି ଆଜି ୩ଜଣଙ୍କୁ ଧରିବାରେ ସଫଳ ହେବା ସହ ସେମାନଙ୍କ ଠାରୁ ୪ଟି ଛୁରି ଏବଂ ଛୋଟ କଟର ଜବତ କରିଥିବା ଗଡନଥାନା ଅଧିକାରୀ ଉଲ୍ଲାସ ରାଉତ ସୂଚନା ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ୨୫ତମ ସିଆଇଆଇ ଏଟଂରପ୍ରାଇଜ୍-ଓଡିଶା ଉଦ୍‌ଘାଟିତ

ରାଉରକେଲା,୨୮/୧(ନି/ପ୍ର): ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ମଙ୍ଗଳବାର ସନ୍ଧ୍ୟାରେ ବହୁ ପ୍ରତୀକ୍ଷିତ ୨୫ତମ ସିଆଇଆଇ ଏ[ପ୍ରାଇଜ-ଓଡିଶା ଉଦ୍ଘାଟିତ ହୋଇଯାଇଛି । ରାଉରକେଲା ସେକ୍ଟର-୧୩ ମୋଜନ ପଡିଆ ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ୨୫ତମ ସିଆଇଆଇ ଏଟଂରପ୍ରାଇଜ୍-ଓଡ଼ିଶା ପ୍ରଦର୍ଶନୀକୁ ଉଦ୍ଘାଟନ କରିଛନ୍ତି । ଏହା ରାଜ୍ୟରେ ଉଦ୍ୟୋଗାଗ, ଶିଳ୍ପ ଅଭିବୃଦ୍ଧି ଏବଂ ନିବେଶ ସୁଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଇଛି । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିବା ପରେ, ମୁଖ୍ୟମନ୍ତ୍ରୀ ସାରା ଓଡିଶାର ଅଗ୍ରଣୀ କମ୍ପାନୀ, ଷ୍ଟାର୍ଟଅପ୍ ଏବଂ ପବ୍ଲିକ୍ ଅଣ୍ଡରଟେକିଂ କମ୍ପାନୀ ଦ୍ୱାରା ପ୍ରତିଷ୍ଠିତ ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ । ସେ ଉଦ୍ୟୋଗୀ, ପ୍ରଦର୍ଶକ ଏବଂ ବିଭିନ୍ନ ଶିଳ୍ପର ପ୍ରତିନିଧିମାନଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ । ଉଦ୍‌ଯୋଗପତିଙ୍କ ନବସୃଜନ, ଉତ୍ପାଦ ଏବଂ ରାଜ୍ୟର ଅର୍ଥନୈତିକ ବିକାଶରେ ଅବଦାନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରଶଂସା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ସହ ଷ୍ଟାର୍ଟଅପ୍ ଏବଂ ସ୍ଥାନୀୟ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ସିଆଇଆଇ ଏ[ପ୍ରାଇଜ-ଓଡ଼ିଶା ପ୍ଲାଟଫର୍ମରେ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା, ନିବେଶକଙ୍କ ସହ ସଂଯୋଗ ସ୍ଥାପନ କରିବା ଏବଂ ନୂତନ ବଜାର ଅନୁସନ୍ଧାନ କରିବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ ବୋଲି ମତ ଦେଇଥିଲେ । ଜାନୁଆରୀ ୨୭ ତାରିଖ ଠାରୁ ଜାନୁଆରୀ ୩୦ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବାକୁ ଥିବା ଏହି ପ୍ରଦର୍ଶନୀରେ ଉତ୍ପାଦନ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ପ୍ରଯୁକ୍ତିବିଦ୍ୟା, ସେବା ଏବଂ ଷ୍ଟାର୍ଟଅପ୍ ନବସୃଜନ ସହିତ ଜଡିତ ଥିବା ଉତ୍ପାଦ ପ୍ରଦର୍ଶିତ ହେଉଥିବା ବିଭିନ୍ନ ୧୨ଟି ଷ୍ଟଲ୍ ରହିଛି । ସିଆଇଆଇ ଏଟଂରପ୍ରାଇଜ୍ ଓଡ଼ିଶା-୨୦୨୬ ଆତ୍ମନିର୍ଭରତାକୁ ପ୍ରୋତ୍ସାହିତ କରିବା ସହିତ ଶିଳ୍ପ ଅଭିବୃଦ୍ଧି ବୃଦ୍ଧି କରିବା ଏବଂ ବିଶେଷକରି ଯୁବପିଢ଼ି ଓ ମହିଳାମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ଚଣ୍ଡା, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଶିଳ୍ପ ପ୍ରତିନିଧି, ଉଦ୍ୟୋଗୀ ଏବଂ ବହୁ ସଂଖ୍ୟକ ପରିଦର୍ଶକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା, ଯାହା ରାଉରକେଲାକୁ ଓଡ଼ିଶାର ଉଦ୍ୟୋଗ ଏବଂ ନବସୃଜନ ଅଭିଯାନର କେନ୍ଦ୍ରବିନ୍ଦୁ କରିବ ବୋଲି ଆଶା କରାଯାଉଛି । ଉଦ୍ଘାଟନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଖ୍ୟାତ ଓଡିଶୀ ନୃତ୍ୟ ଶିଳ୍ପୀମାନଙ୍କ ଓଡଶୀ ନୃତ୍ୟ, ଗୋଟିପୁଆ ନୃତ୍ୟ ସହ ସମ୍ବଲପୁରୀ ନୃତ୍ୟ ଦ୍ୱାରା ମଂ ପ୍ରକମ୍ପିତ ହୋଇଥିଲା । ଉଦ୍ଘାଟନୀ ସମାରୋହର ମୁଖ୍ୟ ଆକର୍ଷଣ ଥିଲା ଡ୍ରୋନ ସୋ । ଡ୍ରୋନ ସୋ ମାଧ୍ୟମରେ ଓଡିଶାର କଳା, ସଂସ୍କୃତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ରାଉରକେଲା ଇସ୍ପାତ କାରଖାନା, ହୀରାକୁଦ ବନ୍ଧ ଏବଂ ଓଡିଶା ନୃତ୍ୟ ଅପରନୃପିଟିଜିର ଆଲୋକ ଚିତ୍ର ପ୍ରଦର୍ଶିତ ହୋଇଥିଲା ।

ନୂଆଗାଁ ବ୍ଲକରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ରାଉରକେଲା, ୨୮/୧ (ନି/ପ୍ର): ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ଫଂଚାୟତ ସମିତି ସଭାକକ୍ଷ ରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୧୧୩ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା ।ସେଥି ମଧ୍ୟରୁ ୨୬ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୮୬ ଟି ସାମୁହିକ ଅଭିଯୋଗ ରହିଥିଲା । ଏଥି ମଧ୍ୟରୁ ୩ ଗୋଟି ଅଭିଯୋଗ ର ତତ୍ କ୍ଷଣାତ ସମାଧାନ କରାଯାଇଥିଲା ।ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆର୍ଥିକ ସହାୟତା ପାଇଁ ଜଣେ ବ୍ୟକ୍ତି ଆବେଦନ କରିଥିଲେ । ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା । ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ସୁରଂଜନ ସାହୁ, ପାରପୋଷ ଉପଜିଲ୍ଲାପାଳ ଶ୍ରୀ ବିଜୟ ନାୟକ, ପିଏଆଇଟିଡିଏ ପାରପୋଷ ବିଭାଗୀ ଜିସପଟ୍ଟା, ନୂଆଁ ଗାଁ ଗୋଷ୍ଠି ଉନ୍ନୟନ ଅଧିକାରୀ ଜ୍ୟୋତିବିକାଶ ବାଶ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

'ଏଟଂରପ୍ରାଇଜ୍ ଓଡ଼ିଶା'ରେ ଗୃହସ୍ଥୀ ଉଦ୍ୟୋଗ ପ୍ରା.ଲି. ଷ୍ଟଲ୍‌ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

ରାଉରକେଲା,୨୮/୧(ନି/ପ୍ର): କନଫେଡରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ଉଓଡ଼) ପକ୍ଷରୁ ସେକ୍ଟର-୧୩ ପ୍ରଦର୍ଶନୀ ମଦାନ, ରାଉରକେଲାରେ ଭବ୍ୟ 'ଏଟଂରପ୍ରାଇଜ୍ ଓଡ଼ିଶା' ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା, ଯେଉଁଥିରେ ସାରା ରାଜ୍ୟର ଉଦ୍ୟୋଗମାନଙ୍କୁ ନବୀନତା ଓ ଉତ୍ପାଦନ ପ୍ରତିଭା ପାଇଁ ଏକ ମଜବୁତ ମଂଚ ମିଳିଥିଲା । ଏହି ପ୍ରତିଷ୍ଠିତ କାର୍ଯ୍ୟକ୍ରମରେ ଗୃହସ୍ଥୀ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍ ଏକ ପ୍ରମୁଖ ପ୍ରଦର୍ଶକ ଭାବେ ଅଂଶଗ୍ରହଣ କରି ନିଜର ଉଚ୍ଚ ଗୁଣାତ୍ମକ ଉତ୍ପାଦ ଓ ବ୍ୟବସାୟିକ ସମାଧାନମାନଙ୍କୁ ଦର୍ଶକ ଏବଂ ଉଦ୍ୟୋଗ ଜଗତର ପ୍ରତିନିଧିମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲା । ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିଲା ମାନ୍ୟନୀୟ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଗୃହସ୍ଥୀ ଉଦ୍ୟୋଗ ପ୍ରା.ଲି. ଷ୍ଟଲ୍‌ର ଉଦ୍‌ଘାଟନ । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଆରଏସପି ର ପାଭିଲିୟନ୍ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଅବସରରେ ଓଡିଶା ସରକାରଙ୍କ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଜ୍ୟମନ୍ତ୍ରୀ (ସ୍ୱାଧୀନ) ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଉରକେଲାର ମାନ୍ୟବର ବିଧାୟକ ଶ୍ରୀ ସାରଦା ପ୍ରସାଦ ନାୟକ ଓ ରଘୁନାଥପଲ୍ଲୀର ମାନ୍ୟବର ବିଧାୟକ ଶ୍ରୀ ଦୁର୍ଗା ଚରଣ ଚଣ୍ଡି ଉପସ୍ଥିତ ଥିଲେ । ଉକ୍ତ ପାଭିଲିୟନ୍ ରେ ଗଣମାନ୍ୟଙ୍କୁ ଆରଏସପି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର ସ୍ୱାଗତ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହୋଦୟ କମ୍ପାନୀ ଟିମ୍ ସହ କଥାବାର୍ତା କରି ଗୃହସ୍ଥୀର ପ୍ରୟାସକୁ ସ୍ୱାଗତ କରିଥିଲେ ଏବଂ ସ୍ଥାନୀୟ ଉଦ୍ୟୋଗମାନଙ୍କୁ ଓଡ଼ିଶାର ଔଦ୍ୟୋଗିକ ପରିବେଶକୁ ଶକ୍ତ କରିବା ପାଇଁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ଗୋକୁଲ ଆନନ୍ଦ ବରଡ଼ିଆ ଏବଂ ସିଇଓ ଶ୍ରୀ ଅମିତ ଅଗ୍ରୱାଲ ଉପସ୍ଥିତ ରହି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ କମ୍ପାନୀର ଦୃଷ୍ଟିକୋଣ, ଉତ୍ପାଦ ପୋର୍ଟଫୋଲିଓ ସହ ରୋଜଗାର ସୃଷ୍ଟି ଓ ଆଞ୍ଚଳିକ ବିକାଶରେ ଅବଦାନ ବିଷୟରେ ତଥ୍ୟ ରଖିଥିଲେ । 'ଏଟଂରପ୍ରାଇଜ୍ ଓଡ଼ିଶା'ରେ ଗୃହସ୍ଥୀ ଉଦ୍ୟୋଗ ପ୍ରା.ଲି.ର ଅଂଶଗ୍ରହଣ ଗୁଣାତ୍ମକ ଉତ୍ପାଦନ, ନବୀନତା ଓ ରାଜ୍ୟ ଏବଂ ଜାତୀୟ ସ୍ତରରେ ବିସ୍ତାର ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

'ଏଟଂରପ୍ରାଇଜ୍ ଓଡ଼ିଶା-୨୦୨୬' ରେ ସେଲ୍, ରାଉରକେଲା ଇସ୍ପାତ କାରଖାନାର ଆକର୍ଷଣୀୟ ଷ୍ଟଲ୍

ରା